

ଅନ୍ୟର ଆନୁଗତ୍ୟରେ ରହିଥିବା ଦେଶ ବା ଜାତି କେବେ ବି ଆଗେଇ ପାରିବ ନାହିଁ।
- ନେତାଜୀ ସୁଭାଷ ବୋଷ

## ସଂକ୍ଷେପରେ

### ଦୋକାନରୁ ଚୋରି

ଦଶମନ୍ତପୁର,୧୪।୧୦(ଡି.ଏନ୍.ଏ.): କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଚିକାମ୍ବ ପଞ୍ଚାୟତ ସଦରରେ ଥିବା ଜଣଙ୍କ ଘରୁ ଚୋରି ହୋଇଥିବା ନେଇ ସୋମବାର ଥାନାରେ ଏତଲା ହୋଇଛି। ଗତ ଶୁକ୍ରବାର ମୀନକେତନ ସୁବୁଦ୍ଧି ଦଶମନ୍ତପୁର ସାପ୍ତାହିକ ହାଟକୁ ସଉଦା କିଣିବା ପାଇଁ ଯାଇଥିଲେ। ଏହାର ସୁଯୋଗ ପାଇ ଦୁର୍ବୃତ୍ତମାନେ ତାଙ୍କ ଘରେ ପଶି ସୁଟ୍‌କେଶ୍ ଚୋରାଇ ନେଇଛନ୍ତି। ସନ୍ଧ୍ୟାରେ ଘରକୁ ଫେରି ସୁଟ୍‌କେଶ୍ ନ ଥିବା ଜାଣିବାକୁ ପାଇଥିଲେ। ଏହାର ୨ ଦିନ ପରେ ଗାଁ ନିକଟସ୍ଥ ନଦୀକୂଳରୁ ତାହା ଭଙ୍ଗାରୁଜା ଅବସ୍ଥାରେ ମିଳିଥିଲା। ସେଥିରେ ନଗଦ ୨୦,୦୦୦ ଟଙ୍କା, ଜମିଜମା କାଗଜପତ୍ର ଥିଲା ବୋଲି ସୁବୁଦ୍ଧି ସୋମବାର ଦଶମନ୍ତପୁର ଥାନରେ ଏତଲା ଦେଇଛନ୍ତି। ଏ ସମ୍ପର୍କରେ ତଦନ୍ତ ଚାଲିଥିବା ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁ କହିଛନ୍ତି।

### ୫୭ ଅଭିଯୋଗ ଶୁଣିଲେ ଜିଲାପାଳ



ବନ୍ଧୁଗାଁ,୧୪।୧୦(ଡି.ଏନ୍.ଏ.): ବନ୍ଧୁଗାଁ ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ର ୫୭ଟି ଅଭିଯୋଗ ଶୁଣିଛନ୍ତି। ଅଭିଯୋଗ ଶୁଣାଣିରେ ଏସ୍‌ପି ମୁକେଶ କୁମାର ଭାମୁ, ଲକ୍ଷ୍ମୀପୁର ଏସ୍‌ଡିପିଓ ଅଶ୍ୱିନ ନାୟକ ଓ ୪୦ଟି ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବନ୍ଧୁଗାଁରେ ୧୫ଟି ବିଭାଗୀୟ ଅଫିସର ପଦବୀ ଖାଲି ପଡ଼ିଛି। ବ୍ଲକରେ ଷ୍ଟେଟବ୍ୟାଙ୍କ ସହ ଏଟିଏମ୍ କରିବା, ଆଦର୍ଶ ବିଦ୍ୟାଳୟରେ ହଷ୍ଟେଲ ସହ ଯୁକ୍ତଦୁଇ କଲେଜ ଖୋଲିବା, ସରକାରୀ ହାଇସ୍କୁଲରେ ଯୁକ୍ତଦୁଇ କଳା ବିଭାଗ ସାମିଲ କରିବା, ଲିମନ ଗ୍ରାସ୍ ତେଲଦର ବୃଦ୍ଧି, କାନାଗାଁଠାରୁ ନୀଳାବାଡ଼ି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାକୁ ପିଚୁ କରିବା, ବନ୍ଧୁଗାଁରେ ଜିଓ ନେଟୱର୍କ ସଂଯୋଗ, ବିଏସ୍‌ଏନ୍‌ଏଲ୍ ନେଟୱର୍କ ଠିକ୍ ଭାବେ କାର୍ଯ୍ୟକ୍ଷମ ହେବା, ବନ୍ଧୁଗାଁ ଏକ୍ସବୋର୍ଡ ପିୟୁପି ସ୍କୁଲରେ ଶିକ୍ଷକ ନିଯୁକ୍ତି, ବନ୍ଧୁଗାଁ ଥାନା ଆଗରେ ଥିବା ହରିଜନ ସାହିର ଝୋଲାକୁ ପ୍ରୋଟେକ୍ସନ ୱାଲ ତିଆରି କରିବା ଭଳି ବିଷୟରେ ଯଥାଶୀଘ୍ର କାର୍ଯ୍ୟ କରିବା ପାଇଁ ଜିଲାପାଳ ଅଫିସରମାନଙ୍କୁ କହିଥିଲେ।

### ସ୍କର୍ପିଓ ଦୁର୍ଘଟଣାଗ୍ରସ୍ତ ପରିବାରର ୪ ଗୁରୁତର



ଦଶମନ୍ତପୁର,୧୪।୧୦(ଡି.ଏନ୍.ଏ.): ସ୍ଥାନୀୟ ଖାପରାବେଡ଼ା ଛକ ନିକଟରେ ସୋମବାର ସନ୍ଧ୍ୟାରେ ଏକ ସ୍କର୍ପିଓ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଗୋଟିଏ ପରିବାରର ୪ ଜଣ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, କାଶୀପୁର ବ୍ଲକ ରେଙ୍ଗା ଗ୍ରାମର ପି. ବେଡ଼ାପଦର ଗ୍ରାମକୁ ଶାଶୁଙ୍କୁ ଛାଡ଼ିବାକୁ ଯାଇ ଫେରୁଥିବା ବେଳେ ଖାପରାବେଡ଼ା ବୁଲାଣିରେ ସ୍କର୍ପିଓ (ଓଡି୧୮ ବି ୦୦୪୫) ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଧନେଶ୍ୱର ନାୟକ, ସ୍ତ୍ରୀ ଯୁଗାନ୍ତି ଖରା, ୨ ପୁଅ ଗୁରୁତର ହୋଇଛନ୍ତି। ମଦପିଇ ଗାଡ଼ି ଚଳାଉଥିବା ଡ୍ରାଇଭରଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଖବର ପାଇ ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁ ସେଠାରେ ପହଞ୍ଚି ପୋଲିସ ଗାଡ଼ିରେ ଗୁରୁତରମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

### ବିଦ୍ୟୁତ ସଂଯୋଗ ପାଇଁ ପ୍ରଶାସନର ଦ୍ୱାରସ୍ଥ ମହିଳା

ଜୟପୁର,୧୪।୧୦(ନି.ପ୍ର.): ବିଦ୍ୟୁତ ସଂଯୋଗ ପାଇଁ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଜଣେ ମହିଳା। ଜୟପୁର ବ୍ଲକ ଅନ୍ତର୍ଗତ ରଣ୍ଡାପାଲ୍ଲି ଗ୍ରାମରେ ଆଜିଯାଏ ବିଦ୍ୟୁତ ସଂଯୋଗ ହୋଇନାହିଁ। ଗ୍ରାମରେ ୮୦ଟି ପରିବାର ରହୁଥିବା ବେଳେ ବିଦ୍ୟୁତ ସଂଯୋଗ ନ ଥିବା ଯୋଗୁ ଗ୍ରାମର ପିଲାମାନେ ରାତିରେ ପାଠ ପଢ଼ିବାରୁ ବଞ୍ଚିତ ହୋଇଛନ୍ତି। ଗତ ବର୍ଷ ପ୍ରତି ଘରେ ବୋର୍ଡ ଲଗାଯାଇଥିବା ବେଳେ ୬ ମାସ ତଳେ ବିଦ୍ୟୁତ ଖୁଣ୍ଟ ମଧ ପୋତାଯାଇଥିଲା। ଗ୍ରାମରେ ୮୦ ପରିବାର ରହୁଥିବା ବେଳେ ୪୦ ପରିବାରକୁ ଗତ ମାସରେ ବିଦ୍ୟୁତ ସଂଯୋଗ ଦିଆଯାଇଛି। କିନ୍ତୁ ଅନ୍ୟ ୪୦ ପରିବାର ଏବେମଧ ବିଦ୍ୟୁତ ସେବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ତେଣୁ ବିଦ୍ୟୁତ ସଂଯୋଗ ଦେବା ପାଇଁ ଗ୍ରାମର ସୁବର୍ଣ୍ଣ ପଣ୍ଡାଙ୍କ ସମେତ ଅନ୍ୟ ମହିଳାମାନେ ଉପଜିଲାପାଳଙ୍କୁ ଭେଟିଛନ୍ତି।



କୋରାପୁଟ ଜିଲା ସୁନାବେଡ଼ା ସ୍ଥିତ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) କମ୍ପାନୀ ଆଗରେ ସୋମବାର ଅନିର୍ଦ୍ଦିଷ୍ଟ କାଳ ଯାଏଁ ଧାରଣାରେ ବସିଛନ୍ତି ହଜାର ହଜାର କର୍ମଚାରୀ।

# ଜିଲାବ୍ୟାପୀ ଚଢ଼ାଉ, ୭୨ ଜୁଆଡ଼ି ଗିରଫ

କୋରାପୁଟ/ସେମିଳିଗୁଡ଼ା/ଜୟପୁର, ୧୪।୧୦(ସ୍ୱ.ପ୍ର./ନି.ପ୍ର./ଡି.ଏନ୍.ଏ.)

- କୋରାପୁଟ ଅଞ୍ଚଳରୁ ୨୩ ଗିରଫ
- ସେମିଳିଗୁଡ଼ାରୁ ଧରାପଡ଼ିଲେ ୨୧
- ଜୟପୁର ଅଞ୍ଚଳରୁ ୨୮ ଗିରଫ

କୋରାପୁଟ ଜିଲାର ବିଭିନ୍ନ ସ୍ଥାନରେ ଚାଲିଥିବା ଜୁଆଆଡ୍ଡା ଉପରେ ପୋଲିସର ଚଢ଼ାଉ ଜୋରଦାର୍ ହୋଇଛି। ପୃଥକ୍ ଚଢ଼ାଉରେ ଜିଲାରୁ ୭୨ ଜଣ ଜୁଆଡ଼ି ଗିରଫ ହୋଇଛନ୍ତି। ଲକ୍ଷାଧିକ ଟଙ୍କା ଓ ମୋବାଇଲ ଜବତ କରିଛି ପୋଲିସ।

ସୂଚନା ଅନୁଯାୟୀ, ଏସ୍‌ପି ମୁକେଶ କୁମାର ଭାମୋଙ୍କ ନିର୍ଦ୍ଦେଶକ୍ରମେ କୋରାପୁଟ ସଦର ଓ ଟାଉନ ପୋଲିସ ରବିବାର ବିଳମ୍ବିତ ରାତିରେ ସହରର ସୁନାପୁର ଓ ସଦର ଥାନା ଝଡ଼ିଗୁଡ଼ା, ମହିପୁଟ, ଅପରକୋଲାବରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଛି। ଏଥିରେ ୨୩ ଜଣ ଜୁଆଡ଼ିଙ୍କୁ ଗିରଫ କରାଯାଇଛି। ସେଠାରୁ ୧ ଲକ୍ଷ ୩୫ ହଜାର ୭୭୫ ଟଙ୍କା ଜବତ ହୋଇଛି। ଟାଉନ ଥାନା ଅଧିକାରୀ ପୀତବାସ ଧାରୁଆ ଓ ସଦର ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା। ସୁନାପୁର, ପାଣିଟାଙ୍ଗି ଅଞ୍ଚଳରୁ ୫ ଜଣ ଧରାପଡ଼ିଥିବା ବେଳେ ସେଠାରୁ ୫୬ ହଜାର ୫୦୦ ଟଙ୍କା ଜବତ ହୋଇଥିଲା। ଫାଣ୍ଡି ଅଧିକାରୀ ଅର୍ଜୁନ ବାଙ୍କାଙ୍କ ସହଯୋଗରେ ଅପରକୋଲାବରୁ ୧୧ ଜଣଙ୍କୁ ଗିରଫ କରାଯାଇଥିଲା। ସଦର ଥାନା ଝଡ଼ିଗୁଡ଼ା ଓ ମହିପୁଟରୁ ୭ ଜଣ ଧରାପଡ଼ିଥିଲେ। କୋଲାବ, ଝଡ଼ିଗୁଡ଼ା, ମହିପୁଟର ଜୁଆଆଡ୍ଡାରୁ ୭୯ ହଜାର ୨୭୫ ଟଙ୍କା ଜବତ କରାଯାଇଥିଲା। ଏନେଇ ସଦର ଥାନାରେ ୩ଟି ମାମଲା ଓ ଟାଉନ ଥାନାରେ ଗୋଟିଏ ମାମଲା ରୁଜୁ ହୋଇଛି।

ସେହିପରି ସେମିଳିଗୁଡ଼ା ସହରରେ ରବିବାର ମଧ୍ୟରାତ୍ରିରେ ୨ଟି ଜୁଆଆଡ୍ଡାରେ ଚଢ଼ାଉ କରି ୪୨ ହଜାର ୮୪୫ ଟଙ୍କା ଜବତ କରିଛି। ଏଥିରେ ୨୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ୨୫ଟି ମୋବାଇଲ ଜବତ କରାଯାଇଥିବା ସେମିଳିଗୁଡ଼ା ଆଇଆଇସି ଧୀରେନ ବେହେରା କହିଛନ୍ତି। ଏନେଇ କେସ୍ ନମ୍ବର ୯୭/୯୮/୨୦୧୯ରେ ମାମଲା ରୁଜୁ ସହ ଅଭିଯୁକ୍ତମାନଙ୍କୁ ଜାମିନ ଛଡ଼ାଯାଇଛି।

ଜୟପୁର ଟାଉନଥାନା ୪ଟି ଟିମ୍‌ରେ ସମ୍ଭାରତୋଟାରେ ୨ଟି, ପାୱାର ହାଉସ ଏବଂ ଜୟନଗରରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଥିଲା। ଏଥିରେ ୨୮ ଜଣ ଜୁଆଡ଼ିଙ୍କୁ ଗିରଫ କରାଯିବା ସହ ୭୧ ହଜାର ୯୩୦ ଟଙ୍କା ଜବତ ହୋଇଥିଲା। ସମ୍ଭାରତୋଟାରୁ ୧୧ ଜଣ ଜୁଆଡ଼ି ଧରାପଡ଼ିଥିବା ବେଳେ ୫୦ ହଜାର ୩୧୦ ଟଙ୍କା ଜବତ ହୋଇଥିଲା। ପାୱାରହାଉସ୍ କଲୋନୀରୁ ୭ ଜଣ ଗିରଫ ହେବା ସହ ୧୦ ହଜାର ୯୨୦ ଟଙ୍କା ଜବତ କରାଯାଇଥିଲା। ଜୟନଗର ଆଡ୍ଡାରୁ ୪ ଜଣ ଧରାପଡ଼ିଥିବା ବେଳେ ୫ ହଜାର ୧୫୦ ଟଙ୍କା ମିଳିଥିଲା। ସେହିପରି ସମ୍ଭାରତୋଟାର ଅନ୍ୟ ଏକ ଆଡ୍ଡାରୁ ୬ ଜଣଙ୍କୁ ପୋଲିସ ଧରିଥିବା ବେଳେ ସେଠାରୁ ୫ ହଜାର ୫୫୦ ଟଙ୍କା ଜବତ ହୋଇଥିବା ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି କହିଛନ୍ତି। ଅଭିଯୁକ୍ତମାନଙ୍କୁ ୪୧ ସିଆରପିସି ନୋଟିସ ଦିଆଯାଇ ଛଡ଼ାଯାଇଛି।

## ନାଳରୁ ଶ୍ରମିକଙ୍କ ମୃତଦେହ ଉଦ୍ଧାର

ଜୟପୁର,୧୪।୧୦(ଡି.ଏନ୍.ଏ.)

ଜୟପୁର ସହର ପାୱାରହାଉସସ୍ଥିତ ବିଦ୍ୟୁତ ବିଭାଗର କଣ୍ଟ୍ରୋଲ ରୁମ ପଛପାଖ ଚିକିଟି ନାଳରୁ ହୋଟେଲରେ କାମ କରୁଥିବା ଜଣେ ଶ୍ରମିକଙ୍କ ମୃତଦେହ ମିଳିଛି। ବୟସ ୬୦ ବର୍ଷ ପାଖାପାଖି ହେବ। ତାଙ୍କ ପ୍ରକୃତ ନାମ ଓ ଠିକଣା ମିଳିନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ବୃଦ୍ଧ ଜଣକ ବଙ୍ଗାଳୀ ସମ୍ପ୍ରଦାୟର। ସେ ସ୍ଥାନୀୟ ହୋଟେଲ ପାଇଁ କାଉଡିରେ ପାଣି ଆଣୁଥିଲେ। ହୋଟେଲରେ କାମ କରୁଥିବା ବେଳେ ସେଠାରେ ଖାଉଥିଲେ ଏବଂ କୌଣସି ଦୋକାନ ପିଣ୍ଡାରେ ରାତିରେ ଶୋଇପଡୁଥିଲେ। କିନ୍ତୁ ବୃଦ୍ଧ ଜଣକ ନିଶା ଅଭ୍ୟସ୍ତ ଥିବାରୁ ସେ ଶୌଚ ପାଇଁ ନାଳକୁ ଯାଇଥିବା ବେଳେ ପାଣିରେ ବୁଡ଼ି ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ମଧ୍ୟାହ୍ନରେ ନାଳରେ ବୃଦ୍ଧଙ୍କ ମୃତଦେହ ଭାସୁଥିବା ଦେଖିବା ପରେ ଲୋକେ ପୋଲିସକୁ ଖବର ଦେଇଥିଲେ। ଟାଉନଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ଅଗ୍ନିଶମ କର୍ମଚାରୀ ନାଳରୁ ମୃତଦେହ ଉଦ୍ଧାର କରିଥିଲେ। ଆମ୍ବୁଲାନ୍ସରେ ଏହାକୁ ବ୍ୟବଚ୍ଛେଦ ପାଇଁ ଚିକିତ୍ସାଳୟ ପଠାଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ସହ କୋରାପୁଟ ମେଡିକାଲ କଲେଜରେ ମୃତଦେହ ୭୨ ଘଣ୍ଟା ପର୍ଯ୍ୟନ୍ତ ସଂରକ୍ଷିତ ରଖାଯିବ। ପରିବାରର କୌଣସି ସୂଚନା ନ ମିଳିଲେ ଅନ୍ତ୍ୟେଷ୍ଟି କ୍ରିୟା କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ପୂଜା ପାଉଛନ୍ତି ଗଜଲକ୍ଷ୍ମୀ



ବୈପାରୀଗୁଡ଼ା।



ଜୟପୁର।



କୋଲାବନଗର।

## ୩ ଜିଲାର ସ୍ୱାସ୍ଥ୍ୟ ଭିତ୍ତିଭୂମି ପାଇଁ ପଦକ୍ଷେପ

ଭୁବନେଶ୍ୱର,୧୪।୧୦(ବ୍ୟୁରୋ)

- ମୋ ସରକାର ଟିମ୍‌ର ପ୍ରଥମ ଗସ୍ତ ପରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା
- ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ବେଡ୍ ସଂଖ୍ୟା ୭୦୦କୁ ବୃଦ୍ଧି ପାଇବ
- ୪ ରୋଗୀକଲ୍ୟାଣ ସମିତିକୁ ମିଳିବ ୬୦ ଲକ୍ଷ

କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲାର ସଦର ମହକୁମା ଚିକିତ୍ସାଳୟ ଏବଂ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ୪ଟି ରୋଗୀ କଲ୍ୟାଣ ସମିତିକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୫ ଲକ୍ଷ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯିବ। ଏହି ୩ଟି ଜିଲାର ଏସପିମାନଙ୍କୁ ରକ୍ତଦାନ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ। ମୋ ସରକାର କାର୍ଯ୍ୟକ୍ରମର ବରିଷ୍ଠ ଅଧିକାରୀମାନଙ୍କ ପ୍ରଥମ ଗସ୍ତ ପରେ ମୁଖ୍ୟମନ୍ତ୍ରୀ ସୋମବାର ଏହି ଘୋଷଣା କରିଛନ୍ତି।

କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ କଲେଜରେ ୫୦୦ ଶଯ୍ୟା ବିଶିଷ୍ଟ ଏକ କମ୍ପୋଜିଟ ହସ୍ପିଟାଲ ନିର୍ମାଣ କରାଯିବ। ଦୁଇ ବର୍ଷ ମଧ୍ୟରେ ଏହାର ଶଯ୍ୟା ସଂଖ୍ୟା ୭୦୦କୁ ବୃଦ୍ଧି କରାଯିବ। ରୋଗୀମାନଙ୍କ ଆଟେଣ୍ଡାଣ୍ଟଙ୍କ ପାଇଁ ମେଡିକାଲ କ୍ୟାମ୍ପସରେ ଏକ ବିଶ୍ରାମାଗାର ନିର୍ମାଣ କରାଯିବ। ନୂତନ କମ୍ପୋଜିଟ କ୍ୟାମ୍ପସରେ କର୍ମଚାରୀମାନଙ୍କ ପାଇଁ ବାସଗୃହ ବ୍ୟବସ୍ଥା ଓ ଟ୍ରାନଜିଟ୍ ହୋମ ନିର୍ମାଣ ହେବ। ମେଡିକାଲ କଲେଜ ପାଇଁ ୫ଟି ଆମ୍ବୁଲାନ୍ସ ଓ ୩ଟି ମହାପ୍ରୟାଣ ଗାଡ଼ି ଯୋଗାଇ ଦିଆଯିବ। କୋରାପୁଟ ସଦର ମହକୁମା ହସ୍ପିଟାଲରେ ବେଡ୍ ସଂଖ୍ୟା ୨୫୦କୁ ବୃଦ୍ଧି କରାଯିବା ସହିତ ବର୍ତ୍ତମାନର ବିଲ୍ଡିଂ ଉପରେ ଏକ ନୂଆ ୱାର୍ଡ ନିର୍ମାଣ କରାଯିବ। କର୍ମଚାରୀମାନଙ୍କ ପାଇଁ ସରକାରୀ ବାସଗୃହ ଏବଂ ଆଟେଣ୍ଡାଣ୍ଟଙ୍କ ପାଇଁ ବିଶ୍ରାମାଗାର ନିର୍ମାଣ କରାଯିବ। ୨ଟି ଆମ୍ବୁଲାନ୍ସ ଯୋଗାଇ ଦିଆଯିବ। ସୋମବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋ ସରକାର କାର୍ଯ୍ୟକ୍ରମକୁ ଅଧିକ ଦକ୍ଷ ଓ ଉତ୍ତରଦାୟୀ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ ଟି ଜିଲା ପାଇଁ କେତେକ ଘୋଷଣା କରିଛନ୍ତି।

## ମଦବିକ୍ରି ବିରୋଧରେ ଥାନାରେ ବସିଲେ ୫୦୦ ମହିଳା

କୁନ୍ଦୁରା,୧୪।୧୦(ଡି.ଏନ୍.ଏ.)

କୁନ୍ଦୁରା ବ୍ଲକ ପଖନାଗୁଡ଼ାରେ ବେଆଇନ ମଦ ବିକ୍ରିକୁ ବିରୋଧ କରି ଆନ୍ଦୋଳନ ତେଜିବାରେ ଲାଗିଛି। ପଞ୍ଚାୟତର ୫୦୦ ମହିଳା ଓ ପୁରୁଷ ମଦବେପାରୀଙ୍କୁ ଗିରଫ କରିବା ପ୍ରତିବାଦରେ ସନ୍ଧ୍ୟା ୭ଟାରେ କୁନ୍ଦୁରା ଥାନାରେ ବସିଥିଲେ। ଗତ ୧୨ ତାରିଖ ମଧ ପଖନାଗୁଡ଼ାର ସାବିତ୍ରୀ ଭତ୍ରାଙ୍କ ନେତୃତ୍ୱରେ ଗ୍ରାମରେ ଜରୁରୀ ବୈଠକ ହୋଇଥିଲା। ମଦ ବନ୍ଦ କରିବା ପାଇଁ ଏଥିରେ ସମସ୍ତେ ଶପଥ ନେଇଥିଲେ। କିନ୍ତୁ ୩/୪ ଜଣ ଲୋକ ଗ୍ରାମବାସୀଙ୍କ ନିଷ୍ପତ୍ତିକୁ ବେଖାତିର କରି ମଦ ବିକୁଥିବା ବେଳେ ଗ୍ରାମର କେତେକ ମହିଳା ଓ ଭଦ୍ରବ୍ୟକ୍ତି ଏହାର ପ୍ରତିବାଦ କରିଥିଲେ। ଫଳରେ ଜଣେ ମହିଳା ଆକ୍ରମଣର ଶିକାର ହୋଇଥିଲେ। ସୋମବାର ସନ୍ଧ୍ୟାରେ ପଖନାଗୁଡ଼ା, ମାଙ୍କିଡ଼ିଗୁଡ଼ା, ଟଭାପଦର, ଘାଡ଼ଙ୍ଗାଗୁଡ଼ା ଗ୍ରାମର ୫୦୦ରୁ ଅଧିକ ମହିଳା ଓ ପୁରୁଷ ମଦ ବିକ୍ରେତାଙ୍କୁ ଗିରଫ ନକଲେ ଥାନାରୁ ହଟିବୁ ନାହିଁ ବୋଲି ଜିଦ୍ ଧରିଥିଲେ। ଭରପ୍ରାପ୍ତ ଥାନା ଅଧିକାରୀ ସୂର୍ଯ୍ୟପ୍ରକାଶ ନାୟକ ମଦ ବିକ୍ରେତାଙ୍କୁ ଗିରଫ ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଫେରିଥିଲେ।



ମହିଳାମାନେ କୁନ୍ଦୁରା ଥାନା ଅଭିମୁଖେ ଯାଉଛନ୍ତି।

## ଦୁର୍ଘଟଣାରେ ଜଣେ ମୃତ

ରାଇଘର,୧୪।୧୦(ଡି.ଏନ.ଏ)

ରାଇଘର ଜଗନ୍ନାଥ ମନ୍ଦିର ନିକଟରେ ୨ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଛି। ସୋମବାର ସନ୍ଧ୍ୟାରେ ରାଇଘର ଶ୍ରୀମା ଅରବିନ୍ଦ ଇଣ୍ଟିଗାଲ ସ୍କୁଲର ଅଧ୍ୟକ୍ଷ ବିଜୟ ମହାପାତ୍ର ବାଇକ ଯୋଗେ ଉମରକୋଟରୁ ରାଇଘର ଫେରୁଥିଲେ। ରାଇଘର ଠାରୁ ଉମରକୋଟ ଯାଉଥିବା ସରୁଗୁଲି ଗ୍ରାମର ରିସଦ ବିଶ୍ୱାସଙ୍କ ବାଇକ୍ ତାଙ୍କୁ ଧକ୍କା ଦେଇଥିଲେ। ବାଇକରୁ ଛିଟିକି ରାସ୍ତା ଉପରେ ବିଜୟ ପଡିଥିଲେ। ଏହି ସମୟରେ କାଠବୋଝେଇ ଟ୍ରକ ମହାପାତ୍ରଙ୍କ ଉପରେ ମାଡି ଯିବାରୁ ବିଜୟଙ୍କ ମୃତ୍ୟୁ ଘଟିଥିଲା।

■ ଜଗନ୍ନାଥ ସାଗର ରିପୋର୍ଟ ଦେଇଛି ପ୍ରଶାସନ

## ଏନ୍‌ଜିଟିରେ ଆଜି ଶୁଣାଣି

ଜୟପୁର,୧୪।୧୦(ନି.ପ୍ର.)

ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ପରେ ଜୟପୁର ସ୍ଥିତ ଐତିହାସିକ ଜଗନ୍ନାଥ ସାଗରର ସ୍ଥିତି ସମୀକ୍ଷା କରିଛି କୋରାପୁଟ ଜିଲା ପ୍ରଶାସନ। ଜିଲାପାଳ ମଧୁସୂଦନ ମିଶ୍ରଙ୍କ ନିର୍ଦ୍ଦେଶରେ ଉପଜିଲାପାଳ ଲୋକନାଥ ଦଳବେହେରା ଗତ ୧୧ ତାରିଖ ସାଗର ପରିଦର୍ଶନ କରିଥିଲେ। ଟ୍ରିବ୍ୟୁନାଲ ପକ୍ଷରୁ ୪ଟି ଦିଗକୁ ନେଇ ଉପଜିଲାପାଳ ସମୀକ୍ଷା ରିପୋର୍ଟ ଦେଇଥିଲେ। ନୂଆସାହି ୫ ଲାଇନରୁ କଣ୍ଡାସାହି ଦେଇ ଯାଇଥିବା ନାଳ ଅତି ନିମ୍ନମାନର ହୋଇଛି। ନାଳରେ ୩ଟି ଲିକେଜ ରହିବା ଯୋଗୁ ସହରର ଦୂଷିତ ପାଣି ସାଗରରେ ପଶୁଛି। ତେଣୁ ତୁରନ୍ତ ନାଳ ନିର୍ମାଣ ପାଇଁ ଉଲ୍ଲେଖ କରାଯାଇଛି। ସାଗର ଦଳଭର୍ତ୍ତି ଥିବା ସହ ବୋଟିଂ କ୍ଲବ ବନ୍ଦ ଥିଲା। ସାଗର ଚତୁଃପାର୍ଶ୍ୱରେ କୌଣସି ବସ୍‌ଷ୍ଟାଣ୍ଡ ସେ ଦେଖି ନ ଥିବା ଉଲ୍ଲେଖ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଐତିହାସିକ ଜଗନ୍ନାଥ ସାଗରର ବିକାଶ ନାଁରେ-ଅର୍ଥ-ତୋଷାରପାତ ସହ ବିଭିନ୍ନ ଅନିୟମିତତା ହୋଇଥିବା ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲରେ ଅଭିଯୋଗ ହୋଇଥିଲା। ପ୍ରଥମ ଶୁଣାଣିରେ ରାଜ୍ୟ ସରକାର ଜଗନ୍ନାଥ ସାଗର ସମ୍ପର୍କରେ ସଠିକ୍ ତଥ୍ୟ ଉପସ୍ଥାପନ କରିପାରି ନ ଥିଲେ। ପରବର୍ତ୍ତୀ ଶୁଣାଣିରେ ସରକାର ସମସ୍ତ ଦସ୍ତାବିଜ ଜମା କରି ନ ପାରିଲେ କୋରାପୁଟ ଜିଲାପାଳ ନିଜେ ହାଜର ହେବା ପାଇଁ ନିର୍ଦ୍ଦେଶ ରହିଥିଲା। ଦ୍ୱିତୀୟ ଶୁଣାଣିରେ ଜିଲାପାଳଙ୍କ ପ୍ରତିନିଧି ଭାବେ ସରକାରୀ ଓକିଲ ପକ୍ଷ ରଖିଥିଲେ। ପକ୍ଷଭୁକ୍ତ ବିଭାଗ ତଦନ୍ତରେ ସହଯୋଗ କରୁ ନ ଥିବା ନେଇ ଜଷ୍ଟିସ ଆଦର୍ଶ କୁମାର ଗୋଏଲ, ଜଷ୍ଟିସ ରାଘବେନ୍ଦ୍ର ଏସ୍. ରାଠୋର ଓ ଏନ୍‌ଜିଟି ସଦସ୍ୟ ଡ. ସତ୍ୟନାରାୟଣ ସିଂ ଗରୱାଲଙ୍କ ମିଳିତ ଖଣ୍ଡପୀଠଙ୍କ ପାଖରେ ବସନ୍ତ ପାତ୍ର ଜଣାଇଛନ୍ତି। ଅକ୍ଟୋବର ୧୫ରେ ପରବର୍ତ୍ତୀ ଶୁଣାଣି ପାଇଁ ଖଣ୍ଡପୀଠ ଦିନ ଧାର୍ଯ୍ୟ କରିଥିବା ବେଳେ ଏହି ତାରିଖ ସୁଦ୍ଧା ଆବଶ୍ୟକ ଦସ୍ତାବିଜ୍ ଦାଖଲ କରିବା ପାଇଁ କହିଥିଲେ। ତାହା କରି ନପାରିଲେ ଅଦାଲତଙ୍କ ଅବମାନନା ଭାବରେ ଏହାକୁ ନିଆଯିବ ବୋଲି ଖଣ୍ଡପୀଠ କହିଥିଲେ।

## ଲକ୍ଷାଧିକ ଟଙ୍କାର ପୋଚ ନଷ୍ଟ, ୪ ଅଟକ

ବନ୍ଧୁଗାଁ,୧୪।୧୦(ଡି.ଏନ୍.ଏ.)

ବନ୍ଧୁଗାଁ ଥାନା ଅଧିକାରୀ ତପନ କୁମାର ନାହାକଙ୍କ ତତ୍ତ୍ୱାବଧାନରେ କାପଲାଡ଼ା ପଞ୍ଚାୟତ ସଦର ଗ୍ରାମକୁ ଯାଇ ମଦ ପୋଚ ନଷ୍ଟ କରିବା ସହ ରନ୍ଧା ସାମଗ୍ରୀ ଜବତ କରାଯାଇଛି। ପ୍ରାୟ ୫ ଲକ୍ଷ ଟଙ୍କାର ପୋଚ ନଷ୍ଟ କରାଯାଇଛି। ସେଠାରେ ମଦପୋଚ କରିଥିବା ଆଇ. ହରିଶ୍ଚନ୍ଦ୍ର ନିମାଲପୁର (୩୦), ଦାସୁ ହିମିରିକା (୪୫), ମିଣିଆକା ନାରାପା (୪୭), ପିଡ଼ିକା ସାନପା (୨୯)ଙ୍କୁ ଥାନାରେ ଅଟକ ରଖି ମାମଲା ରୁଜୁ କରାଯାଇଛି। ଲକ୍ଷ ଲକ୍ଷ ଟଙ୍କାର ମଦ ରାନ୍ଧିବା ବେପାର କରୁଥିବା ଗୁଡ଼ ବେପାରୀ ଅତି ଗାଙ୍ଗରାଜୁ ଫେରାର ହୋଇଯାଇଛନ୍ତି। ଚଢ଼ାଉରେ ବନ୍ଧୁଗାଁ ଥାନା ଅଧିକାରୀ, ସହଯୋଗୀ ରମେଶ ନାୟକ, ଅର୍ଜୁନ ମାଝି, ରାମନାଥ ମୁଦୁଲି, ସୁରେଶ ମାଝି, ତୋଫାନ ବାଗ୍, ଗୁରୁନାଥ ଦେବରପଲ୍ଲୀ, ପାନାଲାଲ ମହାନନ୍ଦିଆ, ପ୍ରତାପ ସାମଲ ସାମିଲ ଥିଲେ।

■ ସରପଞ୍ଚଙ୍କ ମୃତ୍ୟୁ ପରେ ୯ ମାସ ହେଲା ପଦବୀ ଖାଲି

## ରାଲେଗଡ଼ାରେ ଉପନିର୍ବାଚନ ଦାବି

ପଟ୍ଟାଙ୍ଗି,୧୪।୧୦(ଡି.ଏନ୍.ଏ.)

ଆନ୍ଧ୍ର ସୀମାନ୍ତ ତଥା ପଟ୍ଟାଙ୍ଗି ବ୍ଲକ ରାଲେଗଡ଼ା ପଞ୍ଚାୟତରେ ସରପଞ୍ଚ ନ ଥିବାରୁ ପଞ୍ଚାୟତବାସୀ ନିଜ ଅଞ୍ଚଳର ସମସ୍ୟା ସମାଧାନ କରାଇ ପାରୁନାହାନ୍ତି। ବରଂ ପଞ୍ଚାୟତ କାର୍ଯ୍ୟାଳୟରୁ ନିରାଶ ହୋଇ ଫେରୁଛନ୍ତି। ଏନେଇ ବିଡିଓ କରୁଣାକର ପ୍ରଧାନଙ୍କୁ ଭେଟି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି ସ୍ଥାନୀୟ ବାସିନ୍ଦା। ଏଥିରେ ସରପଞ୍ଚ ପଦବୀ ପାଇଁ ପଞ୍ଚାୟତରେ ଉପନିର୍ବାଚନ କରିବାକୁ ଦାବି ରହିଛି।

ସୂଚନା ଅନୁଯାୟୀ, ରାଲେଗଡ଼ା ପଞ୍ଚାୟତ ଅଧୀନରେ ୫ଟି ରାଜସ୍ୱ ଗ୍ରାମ ସହ ୩୪ଟି ପଡ଼ାଗ୍ରାମ ରହିଛି। ସେହିପରି ପଞ୍ଚାୟତ ଅଧୀନରେ ୧୧ଟି ୱାର୍ଡ଼ ଓ ୩୦୦୦ରୁ ଅଧିକ ଭୋଟର ରହିଛନ୍ତି। ୨୦୦୭ରେ ରାଜନୈତିକ କ୍ୟାରିୟର ଆରମ୍ଭ କରି ସରପଞ୍ଚ ହୋଇଥିଲେ ଆଦିବାସୀ ସମ୍ପ୍ରଦାୟର ଜଣେ ଯୁବକ ରାମ କଟା। ସ୍ଥାନୀୟ ଲୋକଙ୍କ ପ୍ରିୟଭାଜନ ହୋଇ ସେ ୨୦୧୭ ପଞ୍ଚାୟତ ନିର୍ବାଚନରେ ମଧ ସରପଞ୍ଚ ହୋଇଥିଲେ। କିନ୍ତୁ ହଠାତ୍ ସେ ଅସୁସ୍ଥ ହୋଇପଡ଼ିଥିଲେ। ଦୀର୍ଘଦିନ ଧରି ଚିକିତ୍ସାଧୀନ ଥିବା ରାମଙ୍କ ୨୦୧୮ ଡିସେମ୍ବର ୨୬ରେ ମୃତ୍ୟୁ ହୋଇଥିଲା। ଫଳରେ ନାଏବ ସରପଞ୍ଚ ଥିବା ୧୦ ନମ୍ବର ୱାର୍ଡ଼ସଭ୍ୟା ରାଧା ପେଦା ଭାରପ୍ରାପ୍ତ ସରପଞ୍ଚ ଭାବେ କାମ ତୁଲାଉଛନ୍ତି। ତେବେ ତାଙ୍କ ମାଧ୍ୟମରେ କ୍ଷମତାର ଅପବ୍ୟବହାର ହେଉଥିବା ପଞ୍ଚାୟତର ଜୟନ୍ତୀ ଲୋକନାଥ, ସାଙ୍କିଆ ଅନିଲ, ଯୋଡ଼ିମାଦିଲି ଗ୍ରାମର ରୁଗୁରୁ ରାମ, ନାଗେଶ ତାମାଲ, ମେଟାବେରା ଗ୍ରାମର ସୁରେନ୍ଦ୍ର ପାଙ୍ଗି, ପୁଟାପାଡୁ ଗ୍ରାମର ଜୟ ଟୋଟା ପାଡିଆ, ଜାମୁଗୁଡ଼ା ଗ୍ରାମର କଟା ତ୍ରିନାଥ, କୁରିଆଲପାଡୁ ଗ୍ରାମର ଜାନି ତ୍ରିନାଥ, ଆପାରାଓ ଏବଂ ତାମାଲ, ରମେଶ ଲିଖିତ ଭାବେ ଜଣାଇଛନ୍ତି। ଲୋକପ୍ରତିନିଧିଙ୍କ ମୃତ୍ୟୁର ୬ ମାସ ମଧ୍ୟରେ ଉପନିର୍ବାଚନ ହେବାର ନିୟମ ରହିଛି। କିନ୍ତୁ ରାଲେଗଡ଼ାରେ ୯ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ ଉପନିର୍ବାଚନ କାହିଁକି ହେଉନାହିଁ ବୋଲି ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ବାସିନ୍ଦା। ଏନେଇ ବିଡିଓ କରୁଣାକର ପ୍ରଧାନ କହିଛନ୍ତି, ଉକ୍ତ ପଞ୍ଚାୟତରେ ଉପନିର୍ବାଚନ ପାଇଁ ଜିଲା ପ୍ରଶାସନଠାରୁ ଆରମ୍ଭ କରି ରାଜ୍ୟ ନିର୍ବାଚନ କମିଶନଙ୍କୁ ଅବଗତ କରାଯାଇଛି। ଏହା ଉପରେ ରାଜ୍ୟ ନିର୍ବାଚନ ଆୟୋଗ ପଦକ୍ଷେପ ନେବେ।



## ସଂକ୍ଷେପରେ

### ବଜ୍ରପାତରେ ୨ ଛେଳି ମୃତ, ଚରାଳି ଆହତ

**ମାଲକାନଗିରି,୧୪।୧୦(ସ୍ୱ.ପ୍ର.)-** ସୋମବାର ଅପରାହ୍ନରେ ବଜ୍ରପାତ ହୋଇ ୨ ଛେଳିଙ୍କ ମୃତ୍ୟୁ ହୋଇଛି। ଅନେକ ଗୃହପାଳିତ ପ୍ରାଣୀ ଆହତ ହୋଇଛନ୍ତି। ଛେଳି ଚରାଉଥିବା ବ୍ୟକ୍ତି ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏପରି ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ ପୋଡାଘାଟ ପଞ୍ଚାୟତରେ। ଖବରରୁ ଜଣାପଡିଛି, ପୋଡାଘାଟ ଗ୍ରାମର ଜଣେ ଯୁବତୀ ଛନି ପୂଜାରୀ ନିଜ ଗୃହପାଳିତ ଗୋରୁ ଓ ଛେଳିମେଣ୍ଢା ଧରି ସବୁଦିନ ପରି ସୋମବାର ଗ୍ରାମ ନିକଟସ୍ଥ ପାଖନା ମୁହାଣ ଜଙ୍ଗଲକୁ ଚରେଇବାକୁ ନେଇଥିଲେ। ଅପରାହ୍ନରେ ହଠାତ ବିଜୁଳି ଘଡଘଡି ମାରି ବଜ୍ରପାତ ହୋଇଥିଲା। ଫଳରେ ଘଟଣା ସ୍ଥଳରେ ୨ଟି ଛେଳିଙ୍କ ମୃତ୍ୟୁ ହୋଇଥିଲା। ୭ଟି ଛେଳି ଓ ୮ଟି ଗୋରୁ ଆହତ ହୋଇଥିଲେ। ଚରାଳି ଛନି ଚେତା ହରାଇ ଅଚେତ ହୋଇପଡିଥିଲେ। ଖବର ପାଇ ସରପଞ୍ଚ ଲଳିତା ମାଝୀ କେତେକ ଗ୍ରାମବାସୀଙ୍କୁ ସାଙ୍ଗରେ ଧରି ଘଟଣା ସ୍ଥଳରେ ପହଞ୍ଚିଥିଲେ। ତୁରନ୍ତ ଛନିଙ୍କୁ ଜଣେ ଯୁବକଙ୍କ ସହାୟତାରେ ମୋଟରସାଇକେଲରେ ଖଇରପୁଟ ଡାକ୍ତରଖାନା ନେଇଥିଲେ। ଚିକିତ୍ସା ପରେ ଛନି ସୁସ୍ଥ ଥିବା ଡାକ୍ତର ସୁରେଶ ବାରିକ କହିଛନ୍ତି।

### ଜୁଆ ଆଡ୍ଡାରେ ଚଢାଉ , ୩ ଗିରଫ

୧୧ ହଜାର୪ଶହ ଟଙ୍କା ଜବତ

**ଝରିଗାଁ,୧୪।୧୦(ସ୍ୱ.ପ୍ର)-** ନବରଙ୍ଗପୁର ଜିଲା ଝରିଗାଁ ଥାନା ଅନ୍ତର୍ଗତ ନୁଆଗୁଡା ଛକ ନିକଟରେ ପୋଲିସ ଜୁଆଖେଳ ଉପରେ ଚଢାଉ କରି ୩ ଜଣଙ୍କୁ ଗିରଫ କରିବା ସହ ନଗଦ ୧୧ ହଜାର ୪ ଶହ ଟଙ୍କା ଜବତ କରିଛି। ଗିରଫ କରାଯାଇଥିବା କପିଳ ପନକା(୩୭), ହରି ଗୈଡ(୨୮) ଏବଂ ଦିବାକର ମାଝୀ(୩୦)ଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଝରିଗାଁ ଥାନାରେ ନଂ. ୮୩/୨୦୧୯ରେ ମାମଲା ରୁଜୁ କରାଯାଇଥିବା ଏସ୍‌ଆଇ ସନ୍ତୋଷ କୁମାର ମାଝୀ କହିଛନ୍ତି।

### ଯୁବକଙ୍କ ଆତ୍ମହତ୍ୟା

**ନବରଙ୍ଗପୁର,୧୪।୧୦(ବି.ପ୍ର)-** ନବରଙ୍ଗପୁର ସହର ମଧରେ ଥିବା ଚଉରିଆଗୁଡା ଜଙ୍ଗଲରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ନବରଙ୍ଗପୁର ପୋଲିସ ଉଦ୍ଧାର କରିଛି। ମୃତ ଯୁବକ ଜଣକ ହେଲେ ରାଜୁ ହରିଜନ(୩୧)। କୋରାପୁଟ ଜିଲା କୋଟପାଡ ବ୍ଲକ ବବିଆ ଗ୍ରାମରେ ତାଙ୍କ ଘର। ରାଜୁ ବସ ହେଲପର ଭାବେ କାମ କରନ୍ତି। ସେ ନବରଙ୍ଗପୁରର ଇଚ୍ଛାବତୀଗୁଡାରେ ଘର ଭଡା ନେଇ ରହୁଥିଲେ। ତେବେ ରାଜୁଙ୍କ ମୃତଦେହ ଝୁଲୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇ ପଠାଇଥିଲେ। ରାଜୁଙ୍କ ମୃତ୍ୟୁର କାରଣ ଜଣାପଡି ନାହିଁ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

■ କାର-ବାଇକ୍ ମୁହାଁମୁହିଁ ଧକ୍କା: ବାଇକ ଚାଳକଙ୍କ ମୃତ୍ୟୁ

# କ୍ଷତିପୂରଣ ଦାବିରେ ୭ ଘଣ୍ଟା ରାସ୍ତାରୋକୋ

■ ଯାନବାହନ ଚଳାଚଳ ବାଧାପ୍ରାପ୍ତ

■ ଏସପିଙ୍କ ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକୋ

**ପାପଡାହାଣ୍ଡି,୧୪।୧୦(ଡି.ଏନ.ଏ.)**

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଖିଙ୍ଗୁଡୁଡାର ହାତୀବନ୍ଧା ନିକଟରେ ସୋମବାର ଏକ ବାଇକ ଓ କାର ମଧ୍ୟରେ ମୁହାଁ ମୁହିଁ ଧକ୍କା ହୋଇ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ଦାବିରେ ଉତ୍ତ୍ୟକ୍ତ ଲୋକେ ୭ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ କଳାହାଣ୍ଡି ଠାରୁ ନବରଙ୍ଗପୁର ଜିଲାକୁ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଥିଲା। ପାପଡାହାଣ୍ଡି ବ୍ଲକ ମହୁଲି ଗ୍ରାମର ସଂଜୀବ ପ୍ରସାଦ ସୁନା (୩୫) ନବରଙ୍ଗପୁରରୁ ନିଜ ଘରକୁ ଏକ ବାଇକ (ନଂ. ଓଡି୧୦ ସି ୬୭୨୨) ରେ ମଧ୍ୟାହ୍ନରେ ଫେରୁଥିଲେ। ବିପରୀତ ଦିଗରୁ କଳାହାଣ୍ଡି ଭବାନୀପାଟଣାର କାର ( ନଂ ଓଡି ୦୮ସି୭୫୨୬) ଆସୁଥିବା ବେଳେ ହାତୀବନ୍ଧା ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଘଟଣାସ୍ଥଳରେ ସଞ୍ଜୀବଙ୍କ ଜୀବନ ଚାଲି ଯାଇଥିଲା । ଖବର ପାଇ ପରିବାର ଲୋକ ଓ ଗ୍ରାମବାସୀ ଘଟଣା ସ୍ଥଳରେ ପହଞ୍ଚି ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଥିଲେ । ମୃତଦେହକୁ ଜାତୀୟ ରାଜପଥ ଉପରେ



ମୃତଦେହ ରଖି ଲୋକମାନେ ରାସ୍ତାରୋକୋ କରିଛନ୍ତି।

ରଖି ରାସ୍ତା ଅବରୋଧ କରିଥିଲେ । ଖବର ପାଇ ପାପଡାହାଣ୍ଡି ତହସିଲଦାର ପ୍ରେମଲାଲ ହିଆଲ, ଏବିଡିଓ ବିଶ୍ୱନାଥ ରାଉତ, ବିଏସଏସଓ ନଗେନ୍ଦ୍ର ପଟ୍ଟନାୟକ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ରେଡକ୍ରସ ତରଫରୁ ୧୦ ହଜାର ଓ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ପ୍ରଦାନ ଲାଗି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଲୋକେ ଅଧିକ କ୍ଷତିପୂରଣ ଦାବିରେ ଜିଦରେ ଅଡି ବସିଥିଲେ । ପାପଡାହାଣ୍ଡି ଏସଡିପିଓ ବି. କେ. ନାୟକ, ଆଇଆଇସି ଲିମରାଜ ପ୍ରଧାନ, ଏସଆଇ ପଞ୍ଚାନନ ପରିଡା, ଏସଆଇ ଅଶ୍ୱିନ ପଟ୍ଟନାୟକ, ଏସଆଇ ପୂର୍ଣ୍ଣିମା ଟେଟେ, ଏଏସଆଇ ହାମିଲଟୋନ ମାଝୀ ପ୍ରମୁଖ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। କିନ୍ତୁ ଲୋକମାନେ ନିଜ ଜିଦରେ ଅଟଳ ରହିଥିଲେ। ଫଳରେ ଦୀର୍ଘ ୭ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଯାନବାହାନ ଚଳାଚଳ ବନ୍ଦ ଯୋଗୁଁ ଯାତ୍ରୀମାନେ ହନ୍ତସନ୍ତ ହୋଇଥିଲେ । ଘଟଣାସ୍ଥଳରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ଦୁର୍ଘଟଣା ଘଟାଇଥିବା କାର ମାଲିକଙ୍କ ସହ କଥା ହୋଇଥିଲେ। ଘଟଣାସ୍ଥଳରେ ଏକ ଲକ୍ଷ ଟଙ୍କା ଓ କାଗଜପତ୍ର ଲେଖା ହେବା ପରେ ଏକ ଲକ୍ଷ ଟଙ୍କା ଦେବେ ବୋଲି କାର ମାଲିକ କହିଥିଲେ। ଏଥିସହ ଆବାସ ଯୋଜନାରେ ଘର ଯୋଗାଇ ଦିଆଯିବ ବୋଲି ବିଧାୟକ କହିଥିଲେ। ତେବେ କାର ମାଲିକ ଘଟଣାସ୍ଥଳରେ ଏକ ଲକ୍ଷ ଟଙ୍କା ଦେଲେ ରାସ୍ତାରୁ ଉଠିବୁ ବୋଲି ଲୋକମାନେ କହିଥିଲେ। ଖବର ପାଇ ଏସପି ନୀତିନ କୁସାଲକର ପହଞ୍ଚି ଲୋକମାନଙ୍କ ସହ ଆଲୋଚନା କରିଥିଲେ। ସମସ୍ତ ପ୍ରତିଶ୍ରୁତି ପୂରଣ କରାଯିବ ବୋଲି କହିବା ପରେ ଲୋକମାନେ ରାସ୍ତାରୋକୋରୁ ଉଠିଥିଲେ। ପରେ ମହାପ୍ରୟାଣରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ନିଆଯାଇଥିଲା। କାର ଚାଳକ ବିଦ୍ୟା ପାଣିଗ୍ରାହୀ ପୋଲିସ ଥାନାରେ ଅଟକ ଅଛନ୍ତି।

## ଜୋରଦାର ହେବ ମାଓବାଦୀ ଦମନ କାର୍ଯ୍ୟକ୍ରମ

**ମାଲକାନଗିରି,୧୪।୧୦(ସ୍ୱ.ପ୍ର.)**

ରାଜ୍ୟରେ କିପରି ମାଓବାଦୀଙ୍କୁ ଦମନ କରାଯିବ, ଲୋକଙ୍କୁ ସେମାନଙ୍କ କବଳରୁ ମୁକ୍ତ କରି ପ୍ରଭାବିତ ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟ ହେବ ସେନେଇ ସୋମବାର ମାଓବାଦୀ ବିରୋଧୀ ସମ୍ପୂର୍ଣ୍ଣ ହିଂସାମୁକ୍ତ ଓଡିଶା ଅଭିଯାନ ଏବଂ ମାଓବାଦୀ ବିରୋଧୀ ସମ୍ପୂର୍ଣ୍ଣ ହିଂସା ମୁକ୍ତ ଓଡିଶା ଅଭିଯାନ ୟୁଥ୍ ୱିଙ୍ଗ ପକ୍ଷରୁ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ଏହି ସଙ୍ଗଠନ ଇଣ୍ଡିଆନ ନ୍ୟାଶନାଲ ପିପୁଲ୍‌ସ ପିସ୍ ଫୋର୍ସ (ଆଇଏନ୍‌ପିପିଏଫ୍) ମାଧ୍ୟମରେ ଦେଶରେ ଏବଂ ବିଶ୍ୱରେ ଆତଙ୍କବାଦ, ମାଓବାଦୀ ଏବଂ ବିଚ୍ଛିନ୍ନତାବାଦ ବିରୋଧରେ କାର୍ଯ୍ୟ କରିବ। ସଙ୍ଗଠନର ଓଡିଶା ଦାୟିତ୍ୱରେ ପି.କୁମାର ଅଛନ୍ତି। ଆଇଏନ୍‌ପିପିଏଫ୍‌ର ରାଜ୍ୟ ମୁଖ୍ୟ ଙ୍କୁ ଭାରତ ଭୂଷଣ ସାକ୍ଷାତ କରିଥିଲେ। ଉଭୟଙ୍କ ମଧ୍ୟରେ ଆଲୋଚନା ବେଳେ


କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି ।

ସଙ୍ଗଠନ ଦ୍ୱାରା ଆମେ ଖୁବ୍‌ଶୀଘ୍ର ମାଓବାଦୀଙ୍କ ବିରୋଧରେ ଅଧିକ ଉଗ୍ର ହେବୁ। ଏଥର ମାଓବାଦୀଙ୍କ ବିରୋଧରେ ଜୋରଦାର ଲଢେଇ ହେବ ବୋଲି ଉଭୟେ ପ୍ରକାଶ କରିଛନ୍ତି। ଆମେ ଆଦିବାସୀଙ୍କ ପାଇଁ ୨ଟି ସ୍କୁଲ , ୩ଟି ଛୋଟ ପୋଲ ତିଆରି କରିବୁ, ଯାହା ମାଓବାଦୀଙ୍କ ପାଇଁ ହୋଇପାରୁନାହିଁ । ଏହି ସ୍କୁଲରେ ଆମେ ମାଓବାଦୀଙ୍କ ଭୟରେ ପାଠ ଛାଡିଥିବା ପିଲାଙ୍କୁ ଶିକ୍ଷିତ କରିବୁ ବୋଲି ପି. କୁମାର କହିଥିଲେ।

## ମାସେ ହେଲା ଏଟିଏମ ବନ୍ଦ, ଗ୍ରାହକ ହନ୍ତସନ୍ତ

**କୋଷାଗୁମୁଡା, ୧୪।୧୦(ଡି.ଏନ.ଏ.)-**

ନବରଙ୍ଗପୁର ଜିଲା କୋଷାଗୁମୁଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ଆଇସିଆଇସିଆଇ ବ୍ୟାଙ୍କ ଏଟିଏମ ମାସେ ହେବ ବନ୍ଦ ରହିଛି। ଫଳରେ ଗ୍ରାହକମାନେ ଟଙ୍କା ଉଠାଇବା ପାଇଁ ହଇରାଣ ହେଉଛନ୍ତି। ବ୍ଲକରେ ମାତ୍ର ଦୁଇଟି ଏଟିଏମ କୋଡିଙ୍ଗା ଏବଂ କୋଷାଗୁମୁଡାରେ ଅଛି। ସେଥିମଧ୍ୟରୁ କୋଷାଗୁମୁଡା ଏଟିଏମ ଅଚଳ ହୋଇପଡିଛି। ଟଙ୍କା ଉଠାଇବା ପାଇଁ




୩୫ କି.ମି ଦୂରରୁ ଲୋକମାନେ ଆସି ନିରାଶ ହୋଇ ଫେରୁଛନ୍ତି। ଏଟିଏମ ଠିକ କରିବା ପାଇଁ ବାରମ୍ବାର ଜଣାଇଲେ ମଧ୍ୟ ସୁଫଳ ମିଳୁ ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ବକଡାବେଡାରେ ଗଜଲକ୍ଷ୍ମୀ ପୂଜା

**ଧୋଡ୍ରା, ୧୪।୧୦(ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବକଡାବେଡାଠାରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି । ରବିବାର ସକାଳେ ମା' ବିଡ୍ରି ନଦୀକୁ ଯାଇ ଗଙ୍ଗାଆବାହନ ଓ ପୂଜାର୍ଚ୍ଚନା ପରେ କଳସୀରେ ପାଣିଧରି କୁଆଁରି ଝିଅ ସମେତ ମହିଳାମାନେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମା' ଗଜଲକ୍ଷ୍ମୀ ପୂଜା ମଣ୍ଡପଠାରେ ପହଞ୍ଚିଥିଲେ । ସେଠାରେ କଳସଗୁଡିକ ସ୍ଥାପନ କରାଯାଇଥିଲା । ଝିଅମାନେ ଘରେ ତୁଳସୀ ଚଉରାମୂଳେ ବୁଣିଥିବା ଚାରାକୁ ଆଣି ମା'ଙ୍କ ମଣ୍ଡପରେ ସ୍ଥାପନ କରିଥିଲେ। ମୁଖ୍ୟପୂଜକ ନାରାୟଣ ପଣ୍ଡା ଏବଂ ସହଯୋଗୀ ପଣ୍ଡିତ ତ୍ରିନାଥ ମିଶ୍ର ଓ ପୂଜାକମିଟି ଜଗ କଲାର, ଲିପୁ ପଣ୍ଡା, ରାଜାରାମ କଲାର, ମଧୁ କଲାର, ପ୍ରସାଦ କଲାର, ଲଳିତ ପନକା, ପ୍ରହ୍ଲାଦ କଲାର, ଗଦା ପନକା, ନାଡୁ ପନକା, ଦୁର୍ଯ୍ୟୋଧନ ମାଝି, ରଘୁନାଥ କଲାର ପ୍ରମୁଖ ଏହି ପୂଜାକାର୍ଯ୍ୟକୁ ପରିଚାଳନା କରୁଛନ୍ତି । ଦୀର୍ଘ ୩୦ବର୍ଷ ଧରି ଏଠାରେ ମା' ଗଜଲକ୍ଷ୍ମୀଙ୍କ ପୂଜା କରାଯାଉଛି। ବୁଧବାର ମୃର୍ଣ୍ମୟୀ ମୂର୍ତ୍ତୀ ବିସର୍ଜନ କରାଯିବ ବୋଲି ପୂଜାକମିଟି ପକ୍ଷରୁ ଜଣାପଡିଛି।


ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ।

■ ଜିଲା ସଦର ମହକୁମା ଡାକ୍ତରଖାନା

# ନିର୍ମାଣ ହେବ ୨୦୦ ଶଯ୍ୟା ବିଶିଷ୍ଟ ୱାର୍ଡ


ଖବରଦାତା ସମ୍ମିଳନୀରେ ଜିଲାପାଳ, ଏସପି ଓ ଅନ୍ୟମାନେ ।

**ନବରଙ୍ଗପୁର,୧୪।୧୦(ବି.ପ୍ର)-**

ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାରେ ଆଉ ଗୋଟେ ୨୦୦ ଶର୍ଯ୍ୟା ବିଶିଷ୍ଟ ୱାର୍ଡ କରାଯିବ ବୋଲି ଜିଲା ମୁଖ୍ୟଡାକ୍ତରଖାନା ସମ୍ମିଳନୀ କକ୍ଷରେ ଜିଲାପାଳ ଅଜିତ କୁମାର ମିଶ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଏହି ନିର୍ଦ୍ଦେଶ ଦେଇଥିବା କହିଥିଲେ। ରୋଗୀ କଲ୍ୟାଣ ସମିତିକୁ ୧୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏଥିରେ ଜିଲା ମୁଖ୍ୟ ଡାକ୍ତରଖାନା ସହ ପୁରୁଣା ଡାକ୍ତରଖାନାର ମରାମତି କରାଯିବ। ଜିଲା ମୁଖ୍ୟ ଡାକ୍ତରଖାନାରେ ରୋଗୀଙ୍କ ପାଇଁ ରକ୍ତର ଅଭାବ ରହିଛି। ତେଣୁ ରକ୍ତଦାନ ଶିବିରର ଆୟୋଜନ କରିବା ପାଇଁ ଜିଲା ପୋଲିସ ବିଭାଗ ମୁଖ୍ୟ ଏସପିଙ୍କୁ ୧୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜିଲାରେ ଅଧିକ ୩ ଆମ୍ବୁଲାନ୍ସ ଓ ୨ଟି ମହାପ୍ରୟାଣ ଗାଡି ଦିଆଯାଇଥିବା କହିଥିଲେ। ମୋ ସରକାର ଯୋଜାନାରେ ଜିଲାପାଳ, ଏସପି ଓ ସିଡିଏମଓଙ୍କ ସମନ୍ୱୟରେ ଜିଲାରେ ସ୍ୱାସ୍ଥ୍ୟର ବିକାଶ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଏସପି ନୀତିନ କୁସଲକର, ଏଡିଏମଓ ଚୌଧୁରୀ ଶୋଭାରାଣୀ ମିଶ୍ର, ଏଡିଏମଓ ଆର. ବିଜୟ କୁମାର, ଡଃ ସନ୍ତୋଷ କୁମାର ପଣ୍ଡା, ପିପିଏମ ସୁଶାନ୍ତ କୁମାର ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ।

### ପରିଷ୍କାର, ପରିଚ୍ଛନ୍ନତା ରଖିବା ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

**ନବରଙ୍ଗପୁର,୧୪।୧୦(ବି.ପ୍ର.)-**

ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନା ପରିସର କିଭଳି ପରିଷ୍କାର, ପରିଚ୍ଛନ୍ନତା ରହିଛି ତାହା ଦେଖିବା ପାଇଁ ଜିଲାପାଳ ଅଜିତ କୁମାର ମିଶ୍ର ସୋମବାର ଅଚାନକ ଡାକ୍ତରଖାନା ପରିଦର୍ଶନ କରିଥିଲେ । ଜିଲା ସଦର ମହକୁମା ଡାକ୍ତରଖାନାରେ ଆଉ ଅଧିକ ୨ ଶହ ଶର୍ଯ୍ୟା ବିଶିଷ୍ଟ ୱାର୍ଡ ନିର୍ମାଣ ହେବ । ଏନେଇ ତୁରନ୍ତ ଜାଗା ଚିହ୍ନଟ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ମାତୃ ଓ ଶିଶୁ ଚିକିତ୍ସା କେନ୍ଦ୍ରରେ ପହଞ୍ଚି ସଫେଇ କିଭଳି ଚାଲିଛି ତାହା ଦେଖିବା ସହ ଛାତରେ ଲାଗିଥିବା ଅଳନ୍ଧୁ ତୁରନ୍ତ ସଫା କରିବା ପାଇଁ କହିଥିଲେ । ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ଖାଇବା ପରେ ବଳକା ଖାଦ୍ୟ ବିଭିନ୍ନ ସ୍ଥାନରେ ଫିଙ୍ଗି ଦେଉଛନ୍ତି । ଏନେଇ ସେମାନଙ୍କୁ ସଚେତନ କରାଇବା ସହ କୁଡରେ ପକାଇବା ପାଇଁ ପରାମର୍ଶ ଦିଆଯାଇଛି । ଡାକ୍ତରଖାନା ସମ୍ମୁଖ ଓ ଆଖ ପାଖ ସ୍ଥାନରେ ରୋଗୀ ସମ୍ପର୍କୀୟମାନେ ଶାଢି, ପୋଷାକ ଶୁଖାଉଛନ୍ତି । ଏଥିପାଇଁ ଏକ ସ୍ଥାନ ନିରୁପଣ କରି ଶାଢି ଶୁଖାଇବା ପାଇଁ ତାର ଟାଣିବାକୁ କହିଥିଲେ । ସେହିଭଳି ମହିଳା ଓ ପୁରୁଷ ୱାର୍ଡରେ ରହିଥିବା ପରିସ୍ରାଗାର ପ୍ରତ୍ୟେକ ଦିନ ନିୟମିତ ଭାବେ ସଫା ରଖିବା ପାଇ ସଫେଇ କର୍ମଚାରୀ ଓ ସୁପରଭାଇଜରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଟୋ ମାଧ୍ୟମରେ ରୋଗୀ ଆସିବା ପରେ ଡାକ୍ତରଖାନା ସମ୍ମୁଖରେ ରଖୁଛନ୍ତି । ଏନେଇ ସେମାନଙ୍କ ପାଇଁ ବାହାରେ କିଭଳି ପାର୍କିଂ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ପାଇଁ ଗାଡି ମୋଟର ରଖିବାକୁ ଡାକ୍ତରଖାନା ପରିସରରେ ପାର୍କିଂ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ପାନ ଓ ଗୁଟଖା ଯେପରି ଡାକ୍ତରଖାନା ପରିସରରେ ନ ପଡିବ ତାହା ସିକ୍ୟୁରିଟି ଗାର୍ଡ ମାନେ ନିୟମିତ ଭାବେ ଚେକିଂ କରିଆସୁଛନ୍ତି । ତାହା ଯେମିତି ଆଗକୁ ବଳବତ୍ତର ରହିବ ସେ ନେଇ ଦୃଷ୍ଟି ଦେବାକୁ ପରାମର୍ଶ ଦିଆଯାଇଛି । ଡାକ୍ତରଖାନା ନୂତନ ଭାବେ ରଙ୍ଗ ଦିଆଯିବ ବୋଲି ସୂଚନା ମିଳିଛି । ପରିଦର୍ଶନ ସମୟରେ ଅତିରିକ୍ତ ଜିଲା ଚିକିତ୍ସାଅଧିକାରୀ (ମେଡିକାଲ) ବିଜୟ କୁମାର, ଅତିରିକ୍ତ ଜିଲା ଚିକିତ୍ସାଅଧିକାରୀ ଚୌଧୁରୀ ଶୋଭାରାଣୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଜୁନରୁ ହିତାଧିକାରୀଙ୍କୁ ମିଳିନି କିରୋସିନ

### ମା' ଠାକୁରାଣୀ ଏସଏଚଜି ପକ୍ଷରୁ ଜିଲାପାଳଙ୍କୁ ଅଭିଯୋଗ

**ନବରଙ୍ଗପୁର,୧୪।୧୦(ବି.ପ୍ର.)-**

ଗରିବଙ୍କ ପାଇଁ ସରକାର ଅନେକ ଯୋଜନା କରୁଛନ୍ତି। ଯୋଜନା ଗୁଡିକ କିଭଳି ଚାଲିଛି ତାହାର ତଦାରଖ କରିବା ପାଇଁ କର୍ମଚାରୀ ଓ ଅଧିକାରୀ ନିଯୁକ୍ତି ପାଇଛନ୍ତି । କିନ୍ତୁ କେତେକ କର୍ମଚାରୀଙ୍କ ଲାଗି ଜନସାଧାରଣଙ୍କ ନିକଟରେ ଯୋଜନା ଗୁଡିକ ଠିକ ଭାବେ ପହଞ୍ଚି ପାରୁ ନାହିଁ । ଅନ୍ୟପକ୍ଷରେ ନିରକ୍ଷରତାର ଫାଇଦା ଉଠାଇ ହିତାଧିକାରୀଙ୍କୁ ଠକାଯାଉଛି । ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଶେଷରେ ଗ୍ରାମବାସୀ ଓ ହିତାଧିକାରୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରୁଛନ୍ତି। ନବରଙ୍ଗପୁର ବ୍ଲକ ଚଟାହାଣ୍ଡି ପଞ୍ଚାୟତ ଅଧିନ ପୂର୍ଣ୍ଣିବକ୍ସାଗୁଡା ଗାଁରେ ହିତାଧିକାରୀ ଜୁନ ମାସରୁ କିରୋସିନି ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ମେ' ୧୩ ତାରିଖରେ ହିତାଧିକାରୀଙ୍କୁ ଗୋଟିଏ ଲିଟର ଲେଖାଏଁ କିରୋସିନି ଦିଆଯାଇଛି। କାର୍ଡରେ ୩ ଲିଟର ଲେଖାଏଁ


ଅଭିଯୋଗ କରିବାକୁ ଆସିଥିବା ମା' ଠାକୁରାଣୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ମୁକ୍ତି ମାଝୀ ଓ ସମ୍ପାଦିକା କ୍ଷୀରମଣି ଗୌଡ ।

ଯୋଗାଇ ଦିଆଯାଇଥିବା ଉଲ୍ଲେଖ କରାଯାଇଛି । କିରୋସିନି ମିଳୁନଥିବା ହିତାଧିକାରୀ ମାନେ ଅଭିଯୋଗ କରିଛନ୍ତି । ଏନେଇ ପୂର୍ଣ୍ଣିବକ୍ସାଗୁଡା ଗାଁର ମା' ଠାକୁରାଣି ସ୍ୱୟଂ ସହାୟିକା ଗୋଷ୍ଠୀ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଭାବେ ଜଣାଇଛନ୍ତି । ଏନେଇ ତଦନ୍ତ କରାଯିବାକୁ ଦାବୀ କରିଛନ୍ତି।

# ଟଙ୍କା ଉଠାଣ ବେଳେ ଗ୍ରାହକଙ୍କ ୫୦ ହଜାର କାଟି ରଖିଲେ ବ୍ୟାଙ୍କ କର୍ମଚାରୀ

## ପୋଲିସର ହସ୍ତକ୍ଷେପ ପରେ ଟଙ୍କା ଫେରି ପାଇଲେ ଗ୍ରାହକ

**ଝରିଗାଁ,୧୪।୧୦(ସ୍ୱ.ପ୍ର)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦର ମହକୁମାରେ ରହିଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କରୁ ଜଣେ ଗ୍ରାହକ ୨ଲକ୍ଷ ୫ ହଜାର ଟଙ୍କା ଉଠାଣ କରିବା ସମୟରେ ତାଙ୍କୁ ୫୦ହଜାର ଟଙ୍କା କମ ବ୍ୟାଙ୍କ କର୍ମଚାରୀ ଦେଇଥିଲେ। ପୂର୍ବରୁ ଟଙ୍କା ଉଠାଣ ବେଳେ ୫୦ ହଜାର ଟଙ୍କା ଅଧିକ ନେଇଥିବା କହି ବ୍ୟାଙ୍କ କର୍ମଚାରୀ ଟଙ୍କା କାଟି ରଖିଥିଲେ। ଗ୍ରାହକ ଜଣକ ଏନେଇ ଝରିଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ବ୍ୟାଙ୍କର ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲେ। ସେ ପୂର୍ବରୁ ଉଠାଣ ବେଳେ ଅଧିକ ଟଙ୍କା ନେଇ ନ ଥିବା ଜଣାପଡିଥିଲା।ଏହାପରେ ଗ୍ରାହକ ଜଣକ ୫୦ ହଜାର ଟଙ୍କା ଫେରି ପାଇଥିଲେ। ଝରିଗାଁ ବ୍ଲକ ସଦର ମହକୁମାର ରାଜେଶ କୁମାର ପାଢୀ ଗତ ୪ ତାରିଖରେ ନିଜ ଆକାଉଣ୍ଟ ନଂ ୩୧୫୭୩୫୯୩୨୬ରୁ ୫୨ ହଜାର ଟଙ୍କା, ଆକାଉଣ୍ଟ ନଂ. ୨୦୧୫୯୮୪୯୯୯ରୁ ୧ଲକ୍ଷ ୯୮ ହଜାର ଟଙ୍କା ଏବଂ ତାଙ୍କ ସ୍ତ୍ରୀ ମନୋରମା ପାଢୀଙ୍କ ଆକାଉଣ୍ଟ ନଂ ୨୦୧୯୮୩୩୪୦୪୦ରୁ ୧



ପୋଲିସ ଏସଆଇ ବ୍ୟାଙ୍କର ସିସିଟିଭି ଫୁଟେଜ ଯାଞ୍ଚ କରୁଛନ୍ତି।

ଲକ୍ଷ ଟଙ୍କା ଝରିଗାଁ ଷ୍ଟେଟ୍ ବ୍ୟାଙ୍କରୁ ଉଠାଇ ଘରକୁ ଫେରିଥିଲେ। ଉକ୍ତ ଦିନ ଅପରାହ୍ନ ୫ଟାରେ ଝରିଗାଁ ଷ୍ଟେଟ୍ ବ୍ୟାଙ୍କର କ୍ୟାସିୟର ରାଜିବ ସିଉଳି ଫୋନ୍ କରି ରାଜେଶଙ୍କୁ ବ୍ୟାଙ୍କକୁ ଆସିବାକୁ କହିଥିଲେ। ବ୍ୟାଙ୍କରୁ ଅଧିକ ୫୦ ହଜାର ଟଙ୍କା ଦିଆଯାଇଥିବା ନେଇ ରାଜେଶଙ୍କୁ କ୍ୟାସିୟର କହିଥିଲେ। ରାଜେଶ କ୍ୟାସିଅର ଏବଂ ମ୍ୟାନେଜରଙ୍କୁ ଅଧିକ ଟଙ୍କା ନେଇ ନଥିବା କହିଥିଲେ । ଏହାପରେ ସିସିଟିଭି ଯାଞ୍ଚ କରାଯାଇଥିଲା। ଟଙ୍କା ଉଠାଣ ସମୟରେ ଅଧିକ ଟଙ୍କା ନେଇ ନଥିବା ସ୍ପଷ୍ଟ ଭାବେ ଜଣାପଡୁଥିବା ଗ୍ରାହକ ଜଣକ କହିଥିଲେ। କିନ୍ତୁ ବ୍ୟାଙ୍କର କ୍ୟାସିୟର ରାଜେଶଙ୍କ ଠାରୁ ଏକ ବ୍ଲାଙ୍କ ଚେକ୍ ଦସ୍ତଖତ କରି ନେଇଥିଲେ। ଏହାର ସପ୍ତାହ ପରେ ରାଜେଶ ବ୍ୟାଙ୍କକୁ ଟଙ୍କା ଉଠାଣ ପାଇଁ ଯାଇଥିଲେ। ସେ ତାଙ୍କ ସ୍ତ୍ରୀଙ୍କ ଆକାଉଣ୍ଟ ନଂ ୨୦୧୯୮୩୩୪୦୪୦ରୁ ୨ ଲକ୍ଷ ୫ ହଜାର ଟଙ୍କା ଉଠାଣ ପାଇଁ କ୍ୟାସିଅରଙ୍କୁ ଚେକ୍ (ନଂ ୩୦୧୭୩୭) ଦେଇଥିଲେ। ପୂର୍ବରୁ ଗ୍ରାହକଙ୍କ ଠାରୁ ନେଇଥିବା ବ୍ଲାଙ୍କ ଚେକ୍ କ୍ୟାସିୟର ଫେରାଇ ଦେଇଥିଲେ। ରାଜେଶଙ୍କୁ ୨ ଲକ୍ଷ ୫ ହଜାର ଟଙ୍କା ବଦଳରେ ୧ ଲକ୍ଷ ୫୫ ହଜାର ଟଙ୍କା ଦେଇଥିଲେ। ସେଥିରେ ୫୦ ହଜାର ଟଙ୍କା କମ୍ ରହିଥିବା ରାଜେଶ କ୍ୟାସିୟରଙ୍କୁ ଜଣାଇଥିଲେ। ପୂର୍ବରୁ ଅଧିକ ପଚାଶ ହଜାର ଟଙ୍କା ନେଇଥିବା ବାବଦକୁ କାଟି ଦେଇଛି ବୋଲି କ୍ୟାସିୟର କହିଥିଲେ। ଟଙ୍କା କମ୍ ଦିଆଯାଇଥିବାରୁ ରାଜେଶ ଟଙ୍କା ନ ଆଣି ବ୍ୟାଙ୍କରୁ ଖାଲି ହାତରେ ଘରକୁ ଫେରିଥିଲେ। ଏହାପରେ ରାଜେଶ ଝରିଗାଁ ଥାନାରେ ରବିବାର ଅଭିଯୋଗ କରିଥିଲେ। ସୋମବାର ଥାନା ଅଧିକାରୀ ନରେଶ କୁମାର ପ୍ରଧାନ ବ୍ୟାଙ୍କ ମ୍ୟାନେଜର ଏବଂ କ୍ୟାସିୟରଙ୍କୁ ପଚରାଉଚୁରା କରିଥିଲେ। ଏସ୍‌ଆଇ ସନ୍ତୋଷ କୁମାର ମାଝୀ ବ୍ୟାଙ୍କକୁ ଯାଇ ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲେ। ଏଥିରେ ରାଜେଶ ପୂର୍ବରୁ ଅଧିକ ଟଙ୍କା ନେଇ ନଥିବା ଜଣାପଡିଥିବା ଏସ୍‌ଆଇ ମାଝୀ କହିଥିଲେ। ଏହାପରେ ବ୍ୟାଙ୍କ କ୍ୟାସିୟର ରାଜେଶଙ୍କୁ ପୂର୍ବରୁ ବ୍ୟାଙ୍କରେ ରଖି ଆସିଥିବା ଟଙ୍କା ଜମା କରିବା ନେଇ ଫର୍ମ ଦାଖଲ କରିବା ପାଇଁ କହିଥିଲେ। ବ୍ୟାଙ୍କ ମ୍ୟାନେଜର ପ୍ରଭାତ କୁମାର ସାହୁଙ୍କୁ ଏ ନେଇ ପଚାରିବାରୁ ସେ କହିଥିଲେ ଯେ ଘଟଣାର ସମାଧାନ ହୋଇଗଲା। ଗତ ୪ ତାରିଖରେ ୫୦ ହଜାର ଟଙ୍କା ଅଧିକ ଉଠାଣ ହୋଇଥିବା ସମ୍ପର୍କରେ ପଚାରିବାରୁ ସେ ନୀରବ ରହିଥିଲେ। ବ୍ୟାଙ୍କ କାରବାରରେ ୫୦ ହଜାର ଟଙ୍କା କିପରି କମ୍ ପଡିଲା ଏବଂ କମ୍ ରହିଥିବା ଟଙ୍କା କିଏ ଓ କିପରି ବହନ କଲେ ତାହା ବ୍ୟାଙ୍କ୍ ଉଚ୍ଚ କର୍ତ୍ତୃପକ୍ଷଙ୍କ ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ଉମା ପ୍ରସାଦ ଗୁଣପୁର ପୌର ନିର୍ବାହୀ ଅଧିକାରୀ



ଗୁଣପୁର,୧୪।୧୦(ଡି.ଏନ୍.ଏ.): ଗଜପତି ଜିଲା କାଶୀନଗର ଅତିରିକ୍ତ ତହସିଲଦାର ଉମା ପ୍ରସାଦ ଦାସଙ୍କୁ ରାୟଗଡା ଜିଲା ଗୁଣପୁର ପୌର ପରିଷଦର ନିର୍ବାହୀ ଅଧିକାରୀଭାବେ ନିଯୁକ୍ତି ମିଳିଛି। ଏନେଇ ସୋମବାର ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଗୁଣପୁର ପୌର ନିର୍ବାହୀ ଅଧିକାରୀ ଭାବଗ୍ରାହୀ ସାହୁଙ୍କୁ ତାଙ୍କ ମୂଳ ବିଭାଗକୁ ପ୍ରତ୍ୟାବର୍ତ୍ତନ କରାଯାଇଛି। ପ୍ରକାଶ ଯେ, ଉମା ପ୍ରସାଦ ଦାସ ଗୁଣପୁର ସହକାରୀ ଜିଲାପାଳ ଭାବେ କାର୍ଯ୍ୟରତ ଥିଲେ। ଏଠାରୁ ବଦଳି ହୋଇ ସେ କାଶୀନଗର ଅତିରିକ୍ତ ତହସିଲଦାରଭାବେ ନିଯୁକ୍ତି ପାଇଥିଲେ।

### ଅନନ୍ତମୁଖୀ ଭାଗବତ ପାରାୟଣ



ପାରଳାଖେମୁଣ୍ଡି,୧୪।୧୦ (ସ୍ୱ.ପ୍ର.): ପାରଳାଖେମୁଣ୍ଡିସ୍ଥିତ ପରିଚ୍ଛା ମଠ ପରିସରରେ ସୋମବାର ଅନନ୍ତମୁଖୀ ଶ୍ରୀମଦ୍ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଛି। କାର୍ତ୍ତିକ କୃଷ୍ଣ ପ୍ରତିପଦା ତିଥିରେ ରସିକରାଜ ମହାପ୍ରଭୁଙ୍କ ପ୍ରାଙ୍ଗଣରେ ଅନନ୍ତମୁଖୀ ଶ୍ରୀମଦ୍ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ର କଲ୍ୟାଣ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା କୁହାଯାଇଛି। ଏହି ସମସ୍ତ ଆଧାତ୍ମିକ କାର୍ଯ୍ୟକୁ ମୂରଲୀଧର ପରିଚ୍ଛା, ଗୋପୀନାଥ ପରିଚ୍ଛା, ପ୍ରତାପଶେଖର ପରିଚ୍ଛା ପରିଚାଳନା କରିଥିଲେ। ଏଥିରେ ବିଶିଷ୍ଟ ସାଧୁସନ୍ଥ ଅଦ୍ୱୈତ ମହାରାଜ, ସୀତାରାମ ମହାରାଜ, ବାବା ମଧୁସୂଦନ, ରାମଚନ୍ଦ୍ର ମହାରାଜ, ରାମାନନ୍ଦଜୀ, ସାଧ୍ୱୀ ଅନୀତା ଦେବୀ, ସାଧ୍ୱୀ ଗୀତା ଦେବୀ ଯୋଗ ଦେଇଥିଲେ। ଏହି ଅବସରରେ ବାଲମୁକୁନ୍ଦ କେନ୍ଦ୍ରର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଦେଶୀ ମଦଭାଟିରେ ଚଢ଼ାଉ



ରାୟଗଡ଼ା ଅଫିସ, ୧୪।୧୦: ଶେଷଖାଲ ପୋଲିସ ଷ୍ଟେସନ ଅଧୀନ ଆଚବା ଗ୍ରାମର ମେଟା ପାହାଡରେ ଚାଲିଥିବା ଏକ ଦେଶୀ ମଦ ଭାଟିରେ ଶେଷଖାଲ ପୋଲିସ ଚଢ଼ାଉ କରିଛି। ଥାନାଧିକାରୀ ବିଜୟ ଲକ୍ଷ୍ମୀ ହୁଇକାଙ୍କ ତତ୍ତ୍ୱାବଧାନରେ ପୋଲିସର ଏକ ଟିମ୍ ଚଢ଼ାଉ କରି ସେଠାରୁ ଜବତ ହୋଇଥିବା ୭ଲିଟର ମଦ ନଷ୍ଟ କରିଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି।

# ପ୍ରସ୍ତାବିତ ବସ୍ ରୁଟ୍ ପରିବର୍ତ୍ତନ ଦାବି

ଅମ୍ବାଦଳା,୧୪।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ରଘୁବାରୀ ପାର୍ବତ୍ୟାଞ୍ଚଳରେ ଡିମିରିଗୁଡା ଓ ରଘୁବାରି ପଞ୍ଚାୟତର ପ୍ରାୟ ୩୫୦ ଖଣ୍ଡ ଗାଁ ରହିଛି। ସ୍ଥାନୀୟ ଲୋକେ ବିଭିନ୍ନ କାର୍ଯ୍ୟ ପାଇଁ ଘାଟି ରାସ୍ତା ଅତିକ୍ରମ କରି ୨୦ କିଲୋମିଟର ଦୂରରେ ଥିବା ଅମ୍ବାଦଳା ଏବଂ ୪୫ କିମି ଦୂରରେ ଥିବା ବ୍ଲକ କାର୍ଯ୍ୟାଳୟକୁ ଦୈନିକ ଯିବା ଆସିବା କରିଥାନ୍ତି। ଏଥିସହ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ଅମ୍ବାଦଳା ସହର ଉପରେ ସେମାନଙ୍କୁ ନିର୍ଭର କରିବାକୁ ପଡେ। ତେଣୁ ଏଠାକୁ ବସ୍ ଚଳାଚଳ କରାଇବା ପାଇଁ ସ୍ଥାନୀୟ ଲୋକ ଦାବି କରିଥିଲେ। ଏହାକୁ ନଜରରେ ରଖି ରାୟଗଡ଼ାରୁ ଡିମିରିଗୁଡ଼ା ପର୍ଯ୍ୟନ୍ତ ଏକ ବସ୍ ଚଳାଚଳ କରିବ ବୋଲି ସରକାର ମଞ୍ଜୁର କରିଛନ୍ତି। କିନ୍ତୁ ରାୟଗଡ଼ାରୁ ସିଧାସଳଖ ଅମ୍ବାଦଳା ନ ଯାଇ ମୁନିଗୁଡ଼ାରୁ ଏହାର ରୁଟ୍ ପରିବର୍ତ୍ତନ କରି ଅମ୍ବାଦଳା ଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ପ୍ରକାଶ ଯେ, ଏହି ପାର୍ବତ୍ୟାଞ୍ଚଳକୁ ଯୋଗାଯୋଗ ପାଇଁ ବସ୍‌ର ସୁବିଧା ନଥିବାରୁ ଲୋକେ ନିଜ ନିଜ ବାଇକ୍ ଯୋଗେ ଯା' ଆସ କରନ୍ତି। ଅନେକ ସମୟରେ ଟାଟା ମ୍ୟାଜିକ୍ ଭଳି ଛୋଟଛୋଟ ଗାଡ଼ିରେ ଯିବାକୁ ହୁଏ। ଓଭର ଲୋଡିଂ ଯୋଗୁ ଏହି ଗାଡ଼ି ବିଭିନ୍ନ ସମୟରେ ଦୁର୍ଘଟଣାଗ୍ରସ୍ତ ହେଉଛି। ସେଠାକୁ ଏକ ବସ୍ ଚଳାଚଳ କରାଇବା ପାଇଁ ଅଞ୍ଚଳବାସୀ ଦାବି କରିଥିଲେ। ଏହାକୁ ନଜରରେ ରଖି ରାୟଗଡ଼ାରୁ ଡିମିରିଗୁଡ଼ା ପର୍ଯ୍ୟନ୍ତ ଏକ ବସ୍ ଚଳାଚଳ କରିବା ପାଇଁ ରାଜ୍ୟ ସରକାର ମଞ୍ଜୁର କରିଛନ୍ତି। ନିକଟ ଭବିଷ୍ୟତରେ ଏହି ବସ୍ ଚଳାଚଳ ଆରମ୍ଭ କରିବ। ଏହାଦ୍ୱାରା ରଘୁବାରି ଘାଟି ଉପର ଲୋକଙ୍କ ସମେତ ମୁନିଗୁଡା ବ୍ଲକର ଅନେକ ଗ୍ରାମର ଲୋକ ମଧ୍ୟ ଉପକୃତ ହେବେ। ଏହି ବସ୍‌ଟି ଅମ୍ବାଦଳା ସହର ଦେଇ ଡିମିରିଗୁଡାକୁ ଗଡ଼ିବ। କିନ୍ତୁ ମୁନିଗୁଡାଠାରୁ ସିଧାସଳଖ ରାଜ୍ୟ ରାଜପଥ ଉପରେ ଅମ୍ବାଦଳକୁ ନ ଯାଇ ମୁନିଗୁଡାରୁ ରୁଟ୍ ପରିବର୍ତ୍ତନ କରିବାକୁ ଦାବି ହୋଇଛି। ଭୈରବଗଡ଼, ପଦମପୁର, ଜଗଦଳପୁର, ଘମଟଗୁଡା, ବିରିଗୁଡା ଓ ଅନୁଯୋଡ଼ିଦେଇ ଅମ୍ବାଦଳାକୁ ଗଲେ ଲୋକେ ଉପକୃତ ହେବେ ବୋଲି ଅଞ୍ଚଳବାସୀ କହିଛନ୍ତି। ମୁନିଗୁଡ଼ାରୁ ଏହି ଗାଁ ରାସ୍ତା ଦେଇ କୌଣସି ବସ୍ ଯା' ଆସ କରୁନି। କିନ୍ତୁ ମୁନିଗୁଡ଼ାରୁ ସିଧାସଳଖ ଦହିଖାଲ ଦେଇ ରାଜ୍ୟ ରାଜପଥ ଉପରେ ଅମ୍ବାଦଳାକୁ ଅନେକ ବସ୍ ଚାଲିଛି। ରାୟଗଡା ଏବଂ ଭବାନୀପାଟଣାକୁ ସଂଯୋଗ କରୁଥିବା ବସ୍‌ଗୁଡିକ ଅମ୍ବାଦଳା ସହର ଦେଇ ମୁନିଗୁଡ଼ା ଯାଏ। ତେଣୁ ଏହି ପ୍ରସ୍ତାବିତ ବସ୍‌ର ରୁଟ୍ ପରିବର୍ତ୍ତନ କରିବାକୁ ଦାବି ହେଉଛି।

# ନିଆଁଲାଗି ନାବାଳିକା ଗୁରୁତର

ମୁନିଗୁଡ଼ା, ୧୪।୧୦(ଡି.ଏନ୍.ଏ.)


ଗୁରୁତର ଆହତ ଦୀପିକା ପୁଆଲ।

ରୋଷେଇ କଲାବେଳେ ନିଆଁ ଲାଗିଯିବାରୁ ଜଣେ ନାବାଳିକା ଗୁରୁତର ହୋଇଛନ୍ତି। ତାଙ୍କୁ ବିଷମକଟକସ୍ଥିତ ଖ୍ରୀଷ୍ଟିଆନ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ସେ ହେଲେ ମୁନିଗୁଡା ଥାନା ମୁନିଖୋଲା ଅଞ୍ଚଳର ଦୀପିକା ପୁଆଲ(୧୬)।

ପ୍ରକାଶ ଯେ, ଦୀପିକାଙ୍କ ମା' ଚାଉଳ ଆଣିବାକୁ ପଞ୍ଚାୟତକୁ ଯାଇଥିଲେ। ତେଣୁ ଦୀପିକା ଘରେ ରୋଷେଇ କରୁଥିଲେ। କିନ୍ତୁ କୌଣସି କାରଣରୁ ହଠାତ୍ ଚୁଲି ନିଆଁ ଦୀପିକାଙ୍କ ଦେହରେ ଲାଗି ଯାଇଥିଲା। ତାଙ୍କ ଚିତ୍କାର ଶୁଣି ପରିବାରର ଅନ୍ୟମାନେ ଓ ପଡୋଶୀ ଲୋକେ ପହଞ୍ଚି ଥିଲେ। ତାଙ୍କୁ ପ୍ରଥମେ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବିଷମକଟକସ୍ଥିତ ଖ୍ରୀଷ୍ଟିଆନ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ତାଙ୍କ ଚିକିତ୍ସା ଚାଲିଛି।

# ୨୨୪ କେଜି ଗଞ୍ଜେଇ ଜବତ

■ ୨ ବାହାର ରାଜ୍ୟ ବେପାରୀଙ୍କ ସମେତ ୫ ଗିରଫ
■ ଲକ୍ଷେ ଟଙ୍କା, ୨ ମୋବାଇଲ ଜବତ

ଗୁଣପୁର,୧୪।୧୦(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଡାରୀ ପୋଲିସ ଗଞ୍ଜେଇ କାରବାର ଅଭିଯୋଗରେ ୫ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୨୨୪ କେଜି ୩୫୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି ବୋଲି ଏସ୍‌ପି ଶ୍ରବଣା ବିବେକ ଏମ୍. ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେମାନଙ୍କ ମଧ୍ୟରେ ୨ଜଣ ବାହାର ରାଜ୍ୟର ଅଟନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଗୁଡାରୀ କାମନାଗୁଡା ଅଞ୍ଚଳର ଗଣପତି ପାତିକା, ତାଙ୍କ ସ୍ତ୍ରୀ ବୁଦ୍ଧୁ, ପଞ୍ଜାବର ଦାସ, ହରିୟାନାର ସାନ୍ତାଲଙ୍କ ସମେତ ଗୁଡ଼ାରୀର ଜିତୁ କାଡ୍ରକା।

ଗଣପତି ଓ ତାଙ୍କ ସ୍ତ୍ରୀ ବୁଦ୍ଧୁ ବେପାରୀଙ୍କୁ ଗଞ୍ଜେଇ ଚାଲାଣ କରିଥାନ୍ତି। ସେମାନଙ୍କଠାରୁ ଗଞ୍ଜେଇ ନେବାକୁ ପଞ୍ଜାବର ଦାସ ଏବଂ ହରିୟାନାର ସାନ୍ତାଳ ଗଞ୍ଜେଇ ନେଇଥିଲେ। ଉକ୍ତ ଗଞ୍ଜେଇକୁ ଏକ ପିକ୍‌ଅପ୍ ଗାଡ଼ିରେ ଚାଲାଣ କରାଯାଉଥିବା ନେଇ ପୋଲିସ ଖବର ପାଇଥିଲା। ପୋଲିସ ସେମାନଙ୍କୁ ଅଟକାଇ ଗାଡ଼ି ଯାଞ୍ଚ କରିଥିଲା। ପୋଲିସ ୨୨୪ କେଜି ଗଞ୍ଜେଇ ସହ ଲକ୍ଷେ ଟଙ୍କା ଏବଂ ୨ଟି ମୋବାଇଲ ଜବତ କରାଯାଇଛି ବୋଲି ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଗୁଣପୁର ଏସ୍‌ଡିପିଓ ରାଜ କିଶୋର ଦାସ ଏବଂ ଗୁଡାରୀ ଆଇଆଇସି ସୁଶାନ୍ତ କୁମାର ତାଉଡିଆ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

■ କାର୍ତ୍ତିକ ବ୍ରତ ଆରମ୍ଭ

## ପ୍ରଥମ ସୋମବାରରେ ଶ୍ରଦ୍ଧାଳୁ, ହବିଷିଆଳିଙ୍କ ଭିଡ଼

ପାରଳାଖେମୁଣ୍ଡି,୧୪।୧୦ (ସ୍ୱ.ପ୍ର.)

ପୁଣ୍ୟ ଓ ଧର୍ମର ମାସ କାର୍ତ୍ତିକ ମାସ ଆରମ୍ଭ ହୋଇଛି। ମାସର ପ୍ରଥମ ସୋମବାରରେ ସହରର ବିଭିନ୍ନ ଦେବାଳୟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ଏହି ମାସରେ ଭଗବାନ ବିଷ୍ଣୁ ନାରାୟଣ ରୂପରେ ଜଳରେ ବାସ କରନ୍ତି। ତେଣୁ ସୂର୍ଯ୍ୟୋଦୟ ପୂର୍ବରୁ ବିଭିନ୍ନ ଜଳାଶୟରେ ସ୍ନାନ ପରେ ଠାକୁରଙ୍କ ଦର୍ଶନ କରିଥାନ୍ତି। ସହରର ଜଗନ୍ନାଥ ମନ୍ଦିର, ଡେଙ୍ଗାଦେଉଳ, ଚନ୍ଦ୍ରଶେଖର, ରାମେଶ୍ୱର, ନାଗାର୍ଜୁନ, ମାଡୁଆ ମହାଦେବ ଆଦି ବିଭିନ୍ନ ମନ୍ଦିରରେ ମଙ୍ଗଳ ଆରତୀ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁ ଓ ହବିଷ୍ୟାଳୀଙ୍କ ଭିଡ଼ ଲାଗିଥିବା ଦେଖିବାକୁ ମିଳିଥିଲା। ହବିଷ୍ୟାଳୀମାନେ ଠାକୁରଙ୍କ ଦର୍ଶନ ସହ ଘରେ କାର୍ତ୍ତିକ ମହାତ୍ମ୍ୟ ପାଠ କରି ହବିଷ୍ୟାନ୍ନ ରୋଷେଇ କରି ଖାଉଥିବା ପ୍ରକାଶ କରିଛନ୍ତି। ପୁରାଣ ବର୍ଣ୍ଣିତ ଅନୁଯାୟୀ କୁମାର କାର୍ତ୍ତିକେୟ ଏହି ମାସରେ ତାଡ଼କାଶୁରଙ୍କୁ ବଦ୍ଧ କରିଥିଲେ। ତାଙ୍କ ପରାକ୍ରମକୁ ସମ୍ମାନ ଜଣାଇବା ପାଇଁ ଏହି ମାସର ନାମ କାର୍ତ୍ତିକ ରହିଥିବା ଜଣାଯାଏ।

# କୁଲି ପଞ୍ଚାୟତରେ ୫-ଟି ଶିବିର


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ରାୟଗଡା ଅଫିସ, ୧୪।୧୦

ରାୟଗଡା ବ୍ଲକ କୁଲି ପଞ୍ଚାୟତରେ ସୋମବାର ୫-ଟି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ରାୟଗଡା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ପେଦେଣ୍ଡି ରାମୁଲୁ, ବିଡ଼ିଓ ରାଜେନ୍ଦ୍ର ମାଝି, ତହସିଲଦାର ଉମାଶଙ୍କର ବେହେରା, ସରପଞ୍ଚ ହରପ୍ରସାଦ ହେପ୍ରୁକା, ସିଡିପିଓ ପୁଷ୍ପାଞ୍ଜଳି ମିଶ୍ର, ଏବିଡ଼ିଓ ନୃସିଂହ ଚରଣ ପଟ୍ଟନାୟକ ଉପସ୍ଥିତ ଥିଲେ। ୨୪ ଜଣ ନୂତନ ଅଣସଙ୍ଗଠିତ ପଞ୍ଜୀକୃତ ଶ୍ରମିକଙ୍କୁ ଶ୍ରମ ବିଭାଗ ପକ୍ଷରୁ ପରିଚୟପତ୍ର ଦିଆଯାଇଥିଲା। ୨୪୯ ଜଣଙ୍କଠାରୁ ଅଭିଯୋଗ ଗ୍ରହଣ କାରାଯାଇ ଥିଲା। ୭୩ ଅଣସଙ୍ଗଠିତ ଶ୍ରମିକଙ୍କଠାରୁ ପଞ୍ଜୀକରଣ ନିମନ୍ତେ ଦରଖାସ୍ତ ଗ୍ରହଣ କରାଯାଇଥିଲା। ମାଗଣା ସ୍ୱାସ୍ଥ୍ୟ ଶିବିରରେ ୬୭ ଜଣ ଶିଶୁ ଓ ୧୩୪ ଜଣଙ୍କୁ ଚିକିତ୍ସା କରାଯାଇଥିଲା। ପ୍ରାଣୀଧନ ବିଭଗେ ପକ୍ଷରୁ ଗୃହପାଳିତ ପ୍ରାଣୀଙ୍କ ଟୀକାକରଣ କରାଯାଇଥିଲା। ପ୍ରୋଜେକ୍ଟର ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ଦେଖାଯାଇ ଲୋକମାନଙ୍କଚ ସଚେତନ କରାଯାଇଥିଲା। ଏଥିରେ ଜଳ, ପ୍ରାଣୀଧନ, ଜଙ୍ଗଲ, ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ସମନ୍ୱିତ ଶିଶୁ ବିକାଶ, ଜୀବିକା ମିଶନ, କୃଷ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ଅତିଥିମାନେ ସ୍ଥାନୀୟ ଅଙ୍ଗନୱାଡିକେନ୍ଦ୍ର ପରିଦର୍ଶନ କରି ସୋଲାର ଲାଇଟ୍ ବ୍ୟବସ୍ଥା ପରିଚାଳନା ଦେଖିଥିଲେ।

■ ବିଏସ୍‌କେୱାଇ ରାଜ୍ୟ ଅଧ୍ୟକ୍ଷଙ୍କ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ

# ଆନୁଷଙ୍ଗିକ ବ୍ୟବସ୍ଥାର ଯାଞ୍ଚ: ଉନ୍ନତ ଚିକିତ୍ସା ସେବା ପାଇଁ ପରାମର୍ଶ

ପାରଳାଖେମୁଣ୍ଡି,୧୪।୧୦ (ସ୍ୱ.ପ୍ର.)

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ରାଜ୍ୟ ଅଧ୍ୟକ୍ଷ ସୁଧୀର ଦାସ ସୋମବାର ଅଚାନକ ଗଜପତିଜ ଜିଲା ଗସ୍ତରେ ଆସି ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ସେ ଚିକିତ୍ସାଳୟରେ ଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କେନ୍ଦ୍ରରେ ବିଭିନ୍ନ ଆନୁସାଙ୍ଗିକ ବ୍ୟବସ୍ଥାର ଯାଞ୍ଚ କରିବା ସହ ଡାକ୍ତର ଏବଂ ବିଏସ୍‌କେୱାଇ କର୍ମଚାରୀମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ରୋଗୀମାନଙ୍କୁ କିପରି ଉନ୍ନତମାନର ଚିକିତ୍ସା ସେବା ଯୋଗାଇ ଦିଆଯିବ ସେ ବିଷୟରେ ପରାମର୍ଶ ଦେଇଥିଲେ। ଚିକିତ୍ସାଳୟ ଅଧୀକ୍ଷକ ଡା. ରମେଶ ଚନ୍ଦ୍ର ମିଶ୍ର ମୁଖ୍ୟ ଚିକିତ୍ସାଳୟ ସମ୍ପର୍କିତ କେତେକ ନୂତନ ପ୍ରସ୍ତାବ ବିଷୟରେ ଆଲୋଚନା କରିଥିଲେ। ପରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ବିଭିନ୍ନ କାର୍ଯ୍ୟକାରିତା ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ଜିଲା ମୁଖ୍ୟ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଏମ୍.ଏମ୍. ଅଲ୍ଲୀ, ଜିଲା କାର୍ଯ୍ୟକାରୀ ପରିଚାଳିକା ସୌମ୍ୟାରାଣୀ ଗୌଡ଼, ଜିଲା ବିଜେଡି ସଭାପତି ପ୍ରଦୀପ କୁମାର ନାୟକ, ନଗର ସଭାପତି ସୂର୍ଯ୍ୟନାରାୟଣ ରାଜଗୁରୁ ଉପସ୍ଥିତ ଥିଲେ।


ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

## ପୋଡ଼ି ହୋଇ ମହିଳା ଗୁରୁତର

ଗୁଣପୁର,୧୪।୧୦(ଡି.ଏନ.ଏ):

ଗୁଣପୁର ଲିମାମେଡାସ୍ଥିତ କିରୋସିନ ଡିପୋ ନିକଟରେ ନିଆଁ ଲାଗି ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଚେଲେକା କୁମାରୀ। ଚେଲେକାଙ୍କ ଘର ରାଜମହେନ୍ଦ୍ରୀ ଅଞ୍ଚଳରେ। ସେ ଲିମାମେଡ଼ାସ୍ଥିତ ନିଜ ଅଜା ଘରକୁ ବୁଲିବାକୁ ଆସିଥିଲେ। ପୋଡି ହୋଇଯିବା ପରେ ପରିବାର ଲୋକେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କୁ ଭର୍ତ୍ତି କରିଥିଲେ। ଗୁରୁତର ଥିବାରୁ ତାଙ୍କୁ ବାହାରକୁ ନେବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନି।

## ଶୈବପୀଠରେ ଭିଡ଼

ଟିକିରି, ୧୪।୧୦(ଡି.ଏନ୍.ଏ.)

କାଶୀପୁର ବ୍ଲକର ବିଭିନ୍ନ ଶୈବପୀଠରେ କାର୍ତ୍ତିକ ମାସ ପ୍ରଥମ ସୋମବାରରେ ଭିଡ଼ ପରିଲକ୍ଷିତ ହୋଇଛି। ବ୍ଲକର ଶଙ୍କରଡ଼ା, ଡୁଡୁକାବାହଲ, ଟିକିରି, ହରିଦାସପୁର, ଉତ୍କଳେଶ୍ୱର ଓ ଡଙ୍ଗାସିଲ ଆଦି ଶିବ ମନ୍ଦିରରେ ହବିଷ୍ୟାଳି ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ଏଥିସହିତ ଭଜହରୀ ସଂକୀର୍ତ୍ତନମଣ୍ଡଳି ନଗର ପରିକ୍ରମା କରିଥିଲା।


ରାୟଗଡ଼ା ନ୍ୟୁ କଲୋନୀ।


ରାୟଗଡ଼ା ରାମାଟକିଜ୍।

# କିସ୍ତି ଦେଇ ନ ପାରି ଆତ୍ମହତ୍ୟା କଲେ ଯୁବକ

ବାହାନଗା, ୧୪।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡା ପଞ୍ଚାୟତ ଓଲିଆପାଟଣା ଗ୍ରାମ ଗୌଡସାହିର ନିରଞ୍ଜନ ଦାସ(୪୫) ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ନିରଞ୍ଜନ ବର୍ଷକ ତଳେ ଘରୋଇ କମ୍ପାନୀରୁ ଏକ ଅଟୋ କିସ୍ତିରେ ଆଣିଥିଲେ। ମାତ୍ର ଠିକ୍ ସମୟରେ କିସ୍ତି ଦେଇ ନ ପାରିବାରୁ କମ୍ପାନୀ ଗତ ରବିବାର ନିରଞ୍ଜନଙ୍କଠାରୁ ଅଟୋକୁ ଛଡାଇ ନେଇଥିଲେ। ଫଳରେ ନିରଞ୍ଜନ ମାନସିକ ଭାରସ୍ୟାମ ହରାଇ ଘରେ ଥିବା କୀଟନାଶକ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ନିରଞ୍ଜନଙ୍କ ମୃତ୍ୟୁ ହୋଇଛି।


ଗୁଣପୁର ମରାଠିଗୁଡ଼ା ବ୍ଲକ ଅଫିସ ସମ୍ମୁଖ ।


ଗୁଣପୁର ଷ୍ଟେସନ ରୋଡ଼।


ଗୁଡ଼ାରୀ


ଟିକିରି